## ରାମଚଣ୍ଡୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପଞ୍ଚୁପାଣ୍ଡବ,୧୫ା୨(ସମିସ): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ନୋଡ଼ାଲ ଶିକ୍ଷା ନିକେତନ ଛୋଟି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନି ମଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶୀକାନ୍ତ ବେହେରା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜ ଚନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ମଲ୍ଲିକ, ପ୍ରଦୀପ କୁମାର ନାୟକ, ନେତୁଆ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଦାଶ, ସିଆରସିସି ପ୍ରଦୀପ କୁମାର ମଲ୍ଲ, ମୋ ସ୍କୁଲର ସଭାପତି ପ୍ରଭାତ କୁମାର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାଗବତ ମଲ୍ଲିକ ଯୋଗ ଦେଇଥିଲେ। ଏହି ଉତ୍ସବରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ଶିକ୍ଷକ ତ୍ରିଲୋଚନ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସତ୍ୟରାମ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମୋ ଗାଁ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ଡେରାବିଶ, ୧୫ା୨(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ଗ୍ରାମସ୍ଥିତ କ୍ଷେତ୍ରପାଳିନୀଙ୍କ ପୀଠରେ ଗତ ଦୁଇ ଦିନହେବ ମୋ ଗାଁ ଉତ୍ସବ ଅନୁଷ୍ଠିତ ହେଉଛି। ଗତକାଲି ଏହି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବକୁଧ୍ରୁବ ଚରଣ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍ସବ କମିଟିର ସଭାପତି ମଦନ ମୋହନ ନାୟକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଜେନା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଧର୍ମରକ୍ଷା ସେନାର ସଂଯୋଜକ ଶଶାଙ୍କ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ମଣିଷ ପରସ୍ପର ଭିତରେ ଭାଇଚାରା ବଜାୟ ରଖିବା ସହିତ ନିଜ ଧର୍ମପ୍ରତି ଆନୁଗତ୍ୟ ପ୍ରକାଶ କରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆନି ଫାଉଣ୍ଡେସନ୍‌ର ଚେୟାରମ୍ୟାନ୍ ପ୍ରିନ୍ସ ଜଗନ୍ନାଥ ଜେନା ଯୋଗଦେଇ ଦୁସ୍ଥ ତଥା ଗରିବ ମାନଙ୍କ ସେବା ସମସ୍ତଙ୍କର କାମ୍ୟ ହେଉ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ହାସ୍ୟ ଅଭିନେତା ଜ୍ଞାନ ବାରିକ ଓରଫ ନାଲିଆମ୍ବଙ୍କ ହସ୍ୟାଭିନୟ ଲୋକଙ୍କୁ ଆନନ୍ଦ ଦେଇଥିଲା। ଅଭିନେତ୍ରୀ ରିଙ୍କିଜେନା ତାଙ୍କର ସୁନ୍ଦର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲେ। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଶୈଳଜା ନନ୍ଦନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିରୋ ଆୟକର ରିଟର୍ନ ଫାଇଲ୍‌ରେ ବି କଟୁଛି ରାସନ

# ବଳିପଡୁଛନ୍ତି ଯୋଗ୍ୟ ହିତାଧିକାରୀ

କେନ୍ଦ୍ରାପଡା,୧୫ା୨(ସମିସ):

କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେ ରାସନ କାର୍ଡ କାଟିବା ପ୍ରତିଯୋଗିତା ଆରମ୍ଭ ହୋଇଛି। ସରକାର ଏହି କାର୍ଡଧାରୀଙ୍କ ପାଇଁ ଏକ ମାନଦଣ୍ଡ ସ୍ଥିରୀକୃତ କରିଛନ୍ତି। ଏହି ମାନଦଣ୍ଡ ମଧ୍ୟରେ ଯେଉଁ କାର୍ଡ ଧାରୀ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନଙ୍କର ଏକ ବାଦ ତାଲିକା ପ୍ରତି ବ୍ଲକ୍‌କୁ ପଠାଯାଇଛି। ସବୁଠାରୁ ବଡ଼କଥା ହେଲା, ଉକ୍ତ ତାଲିକାରେ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଛି। ଯୋଗ୍ୟ ହିତାଧିକାରୀମାନଙ୍କୁ ତାଲିକାରୁ ବାଦ ଦେବାକୁ ଚିଠି ହୋଇଛି। ଛୋଟମୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ହିତାଧୀକାରୀଙ୍କୁ ବାଦ ଦେବାକୁ ନିର୍ଦ୍ଦେଶ ରହିଛି। ବ୍ୟବସାୟ ପାଇଁ ଛୋଟମୋଟ ଅର୍ଥର ଆବଶ୍ୟକ ହେଲେ ଋଣ ପାଇଁ ବ୍ୟାଙ୍କରେ ଆବେଦନ କରିଥାନ୍ତି। ଏହି ସମୟରେ ବ୍ୟାଙ୍କ ଆୟକର ରିର୍ଟନ ମାଗନ୍ତି। ସାଧାରଣ ଗରିବ ଲୋକଟି ବାଧ ହୋଇ ରିଟର୍ନ ଫାଇଲ କରେ। ଯେଉଁମାନେ ଟିକସ ଦେବା ଭଳି ରୋଜଗାର ନଥାଇ ବାଧ ହୋଇ ଜିରୋ ରିର୍ଟନ ଫାଇଲ କରିଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇ ତାଲିକାରୁ ବାଦ କରାଯାଇଥିବା ଅଭିଯୋଗ ହୋଇଛି। ରାସନ କାର୍ଡରୁ ବାଦ ଦେବାକୁ ପ୍ରସ୍ତୁତ ହୋଇଥିବା ତାଲିକାର ତ୍ରୁଟି ସଂଶୋଧନ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏହାଛଡ଼ା ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଜିରୋ ଆୟକର ରିଟର୍ଣ୍ଣ ଫାଇଲକୁ ଅସ୍ତ୍ର କରି ରାସନ କାର୍ଡ ନକାଟିବାକୁ ଦାବି ଉଠିଛି। ସରକାର ଯୋଗ୍ୟତା ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ସ୍ଥିର କରିଛନ୍ତି। ଇ କେୱାଇସି ପ୍ରକ୍ରିୟା ପରେ ପ୍ରତ୍ୟେକ ବ୍ଲକକୁ ଏକ ବାଦ ତାଲିକା ପ୍ରଦାନ କରାଯାଇଛି। ଏହି ତାଲିକାରେ ଅନେକ ତ୍ରୁଟି ଅଛି, ଯାହା ଫଳରେ ଯୋଗ୍ୟ ହିତାଧିକାରୀମାନେ ଭୁଲ ଭାବରେ ବାଦ ପଡ଼ିଛନ୍ତି। ଏହି ହିତାଧିକାରୀମାନଙ୍କ ମଧ୍ୟରୁ ଅନେକ ହେଉଛନ୍ତି କ୍ଷୁଦ୍ର ବ୍ୟବସାୟୀ, ଦୈନିକ ମଜୁରିଆ। ଯେଉଁମାନେ ସେମାନଙ୍କ ପରିବାର ଚଳେଇବାକୁ ଛୋଟମୋଟ ବ୍ୟବସାୟ ପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ଉଠାଇଛନ୍ତି। ସେମାନେ ପ୍ରାୟତଃ ଋଣ ପାଇଁ ବ୍ୟାଙ୍କକୁ ଯିବାବେଳେ ଆୟକର ରିଟର୍ଣ୍ଣ ଏକ ବାଧତାମୂଳକ ଆବଶ୍ୟକତା ରହିଥାଏ। ଏହି କାରଣରୁ ଅନେକ ବ୍ୟକ୍ତି ବ୍ୟାଙ୍କିଂ ଆବଶ୍ୟକତା ପୂରଣ କରିବା ପାଇଁ ଶୂନ୍ୟ ରିଟର୍ଣ୍ଣ ।ଫାଇଲ୍ କରନ୍ତି। ଯଦିଓ ସେମାନଙ୍କର ପ୍ରକୃତ ଆୟ କମ୍ ରହିଥାଏ ଏବଂ ରାସନ କାର୍ଡ ଯୋଜନାର ଯୋଗ୍ୟତା ମାନଦଣ୍ଡ ମଧ୍ୟରେ ରହିଥାଏ। ବର୍ତ୍ତମାନର ବ୍ୟବସ୍ଥା ଯାହା ଆଇଟିଆର ଫାଇଲିଂକୁ ବାଦ ଦେବାର ଆଧାର ଭାବରେ ବିବେଚନା କରାଯାଉଛି। ଶୂନ୍ୟ ରିଟର୍ଣ୍ଣ ଫାଇଲ୍ କରିବା ଆର୍ଥିକ ସ୍ଥିରତା କିମ୍ବା ଯଥେଷ୍ଟ ଆୟ ସୂଚିତ କରେ ନାହିଁ। ବରଂ ଏହା ବ୍ୟାଙ୍କ ସେବା ପାଇବା ପାଇଁ ଏକ ପ୍ରକ୍ରିୟାଗତ ଆବଶ୍ୟକତା। ତେଣୁ ସରକାର ହୋଇଥିବା ତ୍ରୁଟିକୁ ଚିହ୍ନଟ ଏବଂ ସଂଶୋଧନ କରିବା ପାଇଁ ଶୂନ୍ୟ ରିଟର୍ଣ୍ଣ ଆଇଟିଆର ଫାଇଲ୍ କରିଥିବା ହିତାଧୀକାରୀମାନେ ରାସନ ଲାଭ ପାଇବାରୁ ଅଯୋଗ୍ୟ ନ ହୁଅନ୍ତି ସେନେଇ ଉତ୍କଳମଣି ଯୁବ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଛି। ପ୍ରକୃତ କରଦାତା ଏବଂ କେବଳ ବ୍ୟାଙ୍କିଂ ଆବଶ୍ୟକତା ପାଇଁ ରିଟର୍ଣ୍ଣ ଫାଇଲ୍ କରୁଥିବା ଲୋକଙ୍କ ମଧ୍ୟରେ ପାର୍ଥକ୍ୟ କରିବା ପାଇଁ ଏକ ନିରପେକ୍ଷ ଯାଞ୍ଚ ବ୍ୟବସ୍ଥା ପ୍ରତିଷ୍ଠା କରାଯିବାକୁ ଏଥିରେ ଉଲ୍ଲେଖ ରହିଛି। ଯଦି ଏହାକୁ ଆଧାର କରି ରାସନ କଟାଯାଏ ତେବେ ଅନେକ ନିମ୍ନ-ଆୟ ପରିବାର ପାଇଁ ସମସ୍ୟା ଆଣିଦେବ ବୋଲି ଅଭିଯୋଗ ହୋଇଛି।

## ସରପଞ୍ଚ ସଂଘ ପକ୍ଷରୁ ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୫ା୨ (ସମିସ): ରାଜନଗର ଥାନାର ନୂତନ ଆଇଆଇସି ଭାବରେ ନରେଶ କୁମାର ସାହୁ ଗତକାଲି ଯୋଗ ଦେଇଛନ୍ତି। ପୂର୍ବରୁ ଶ୍ରୀ ସାହୁ ଖଲ୍ଲିକୋଟ ଥାନା ଆଇଆଇସି ଭାବରେ କାମ କରି ନିକଟରେ ସଂସାରଫଳ ଗ୍ରାମାଞ୍ଚଳ ଥାନା ଆଇଆଇସି ଭାବେ ଅଳ୍ପ ଦିନ ହେବ ଯୋଗ ଦେଇଥିଲେ। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ମୟୁରଭଞ୍ଜ ବଦଳି ହେବା ପରେ ତାଙ୍କ ସ୍ଥାନରେ ଆଇଆଇସି ଶ୍ରୀ ସାହୁ ଯୋଗ ଦେଇଛନ୍ତି। ଆଜି ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆଇଆଇସି ଶ୍ରୀ ସାହୁଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ବ୍ଲକ ସରପଞ୍ଚ ସଙ୍ଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ଚିତ୍ତ ରଂଜନ ପଣ୍ଡା, ଶୈଳେନ୍ଦ୍ର କୁମାର ମିଶ୍ର, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ସୁଶ୍ରୀ ସଂଗୀତ ମିଶ୍ର, ବୀଣାପାଣି ପ୍ରଧାନ, ରାଣୀମଞ୍ଜରୀ ସେଠୀ, ଶାନ୍ତିଲତା ବିଶ୍ୱାଳ, ରଂଜନ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ସାଗର ରାଉତ ଓ ଅକ୍ଷୟ ସେଠୀ ପ୍ରମୁଖ ଭେଟି ରାଜନଗର ଭଳି ରାଜନୈତିକ ସଚେତନଶୀଳ ଅଞ୍ଚଳରେ ସେ ସମଭାବରେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଉତ୍ସବ

ରାଜନଗର, ୧୫ା୨(ସମିସ): ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦନପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଫେବ୍ରୁଆରୀ ୧୪ ତାରିଖରେ ସମଗ୍ର ଭାରତ ବର୍ଷରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଉଛି। ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସମାଜସେବୀ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ସହିତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଶିକ୍ଷାବିକାଶ ସଂସ୍ଥାନର ରାଜ୍ୟ ପ୍ରଭାରୀ ସତ୍ୟବ୍ରତ ରଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶ୍ରୀକାନ୍ତ ଦାସ, ସୁଶାନ୍ତ କୁମାର ଦାସ, କଳାକର ଦାସ, ଶିଶୁ ମନ୍ଦିରର ପ୍ରତିଷ୍ଠାତା ଦୁଷ୍ମନ୍ତ ନାୟକଙ୍କ ଉପସ୍ଥିତରେ ପିଲାମାନେ ପିତାମାତା ଓ ଗୁରୁଜନମାନଙ୍କୁ ପୂଜା କରି ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଏହାସହ ବିଭିନ୍ନ କ୍ରୀଡ଼ା, ରାଧାକୃଷ୍ଣ ବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା । ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରତିମା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରତାପ ନାୟକ ଏବଂ ଗୁରୁମା, ଗୁରୁଜୀ ପରିଚାଳନା କରିଥିଲେ। ଶେଷରେ ଭୀମସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ ପ୍ରତିଯୋଗୀ ଶର୍ମିଷ୍ଠା ମହାନ୍ତି ଓ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଜ୍ୟସ୍ତରୀୟ ମେଳାରେ ସିଦ୍ଧିଶକ୍ତି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ସମ୍ବର୍ଦ୍ଧିତ

କେନ୍ଦ୍ରାପଡା,୧୫ା୨(ସମିସ): ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱରଠାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ମତ୍ସ୍ୟ ଓ ପଶୁସମ୍ପଦ ମେଳାରେ କେନ୍ଦ୍ରାପଡ଼ା ଜିଲ୍ଲାର ସିଦ୍ଧିଶକ୍ତି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଶ୍ରେଷ୍ଠ ସମବାୟ ସମିତି ରୂପେ ସମ୍ମାନିତ ହୋଇଛି। ପୁରସ୍କାର ସ୍ୱରୂପ ସମିତିର ସଭାପତି ଭାଗବତ ଚନ୍ଦ୍ର ବରାଳ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଉକ୍ତ ସମ୍ମାନ ସମବାୟ ସମିତିର ୬୦୦ରୁ ଅଧିକ ସଦସ୍ୟଙ୍କ ଅବଦାନ ବୋଲି ସଭାପତି ଶ୍ରୀ ବରାଳ କହିଛନ୍ତି। ବର୍ତ୍ତମାନ ସମିତି ତରଫରୁ ମାଛ ଚାଷୀମାନଙ୍କୁ ମାଛ ଚାଷ ନିମନ୍ତେ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି। ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ନିକଟରେ ବିଭିନ୍ନ ସରକାରୀ ସହାୟତା ପହଞ୍ଚାଇବା ନିମନ୍ତେ ମଧ୍ୟ ସମିତି କାର୍ଯ୍ୟ କରୁଛି। ଆଗାମୀ ଦିନରେ ସିଦ୍ଧିଶକ୍ତି ତରଫରୁ ଜିଲ୍ଲାର ସମସ୍ତ ବ୍ଲକରେ ସମ୍ପର୍କ କେନ୍ଦ୍ର ସ୍ଥାପନ କରାଯିବା ସହିତ ସଭ୍ୟ ସଂଗ୍ରହ କରାଯିବ ବୋଲି ଉପସଭାପତି ଚନ୍ଦନା ବାରିକ ସୂଚନା ପ୍ରଦାନ କରିଛନ୍ତି।

### ବାଘୁଆ ନାଳ ଓ ଗୁଡ଼ିଆ ଯୋର ଉପରେ ପୋଲ ନିର୍ମାଣ ଦାବି

## ଗମନାଗମନ ସୁବିଧା ନାହିଁ, ପଡ଼ିଆ ପଡୁଛି ଚାଷଜମି

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୫ା୨(ସମିସ): ସମ୍ପ୍ରତି ଚିର ଅବହେଳିତ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବାଘୁଆ ନାଳ ଓ ଗୁଡିଆ ଯୋର ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସାମଗ୍ରିକ ବିକାଶର ବହୁ ପଛରେ ଥିବା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରନ୍ତି। ତେବେ ସରକାରୀ ଉଦାସୀନତା ପାଇଁ ଧୋୟାଞ୍ଚଳର ଅଳପୁଆ, ତରଡିପାଳ, ପେଣ୍ଠପାଳ ପଞ୍ଚାୟତର ୧୮୦ ହେକ୍ଟର ଉର୍ବର ଚାଷ ଜମି ଗମନାଗମନ ସୁବିଧା ନଥିବାରୁ ଚାଷ ନ ହୋଇପାରି ଜମି ସବୁ ପଡ଼ିଆ ପଡିଛି। ପେଣ୍ଠପାଳ ପଞ୍ଚାୟତର ବାଘୁଆ ନାଳ ଉପରେ ପୋଲ ନଥିବାରୁ ଚାଷ ଜମିକୁ ପାୱାର ଟ୍ରିଲର କିମ୍ବା ଟ୍ରାକ୍ଟର ଯାଇପାରୁନଥିବାରୁ ଚାଷ କାର୍ଯ୍ୟ ହୋଇପାରୁନାହିଁ। ଅନ୍ୟ ପକ୍ଷରେ ବଲୁରିଆ, ଅଣ୍ଡରା, ଅମୃତମଣୋହି ପଞ୍ଚାୟତର ଧୋୟାଞ୍ଚଳରେ ଥିବା ୨୦୦ ଏକରରୁ ଅଧିକ ଚାଷ ଜମି ମଧ୍ୟ ପଡିଆ ପଡୁଛି। ଅଣ୍ଡରା ପଞ୍ଚାୟତର ଗୁଡିଆ ଜୋର ଉପରେ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରୁନଥିବାରୁ ଗୁଡିଆ ଯୋର ଆର ପଟରେ ଥିବା ଚାଷ ଜମି ସବୁ ପଡିଆ ପଡୁଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୭ ଗୋଟି ପଞ୍ଚାୟତର ୪୦୦ ହେକ୍ଟରରୁ ଅଧିକ ଚାଷ ଜମି ଗମନାଗମନ ସୁବିଧା ନଥିବାରୁ ଚାଷ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ ହୋଇଛି। କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ମଧ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଚାଷ ଜମିକୁ ଯିବା ପାଇଁ ପେଣ୍ଠପାଳ ପଞ୍ଚାୟତ ବାଘୁଆ ନାଳ ଓ ଅଣ୍ଡରା ପଞ୍ଚାୟତ ଗୁଡିଆ ଯୋର ଉପରେ ପୋଲ ନିର୍ମାଣ କରାଯାଇପାରୁନଥିବାରୁ ଉପାନ୍ତ ଧୋୟାଞ୍ଚଳ ଚାଷୀ ମାନଙ୍କ ପ୍ରତି ଏହା ଉପହାସ ସଦୃଶ ହୋଇଛି। ତେଣୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ରାଜ୍ୟ ସରକାର ଧୋୟାଞ୍ଚଳର ଚାଷୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଧୋୟାଞ୍ଚଳର ବିକାଶ ମଞ୍ଚ ସମ୍ପାଦକ ରାଜକୁମାର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ପ୍ରେମାନନ୍ଦ ସୁତାର ପ୍ରମୁଖ ଦାବି କରିଛନ୍ତି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ରାଜନଗର , ୧୫ା୨ (ସମିସ): ରାଜନଗର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଅପହରଣ ସହିତ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ଏକ କେସ୍ ରୁଜୁ କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରୁ ଅଭିଯୁକ୍ତ ପ୍ରମୋଦ ମଲ୍ଲିକଙ୍କୁ ପୁଲିସ ଗିରଫ କରିଛି। ପୀଡ଼ିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା ଓ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜନଗର ଥାନାରେ ନୂତନ ଆଇଆଇସି ଭାବେ ଗତକାଲି ସନ୍ଧ୍ୟାରେ ଯୋଗ ଦେଇଥିବା ନରେଶ କୁମାର ସାହୁ ଅଭିଯୋଗ ପାଇବା ପରେ ସଙ୍ଗେ ସଙ୍ଗେ ଅଭିଯୁକ୍ତକୁ ଗିରଫ କରିଥିଲେ।

## ବୀଣାପାଣି ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ

ରାଜକନିକା,୧୫ା୨(ସମିସ): ରାଜକନିକା ବ୍ଲକର ସୀମାନ୍ତ ଚରପଡ଼ାରେ ପ୍ରତିଷ୍ଠିତ ବୀଣାପାଣି ବିଦ୍ୟାମନ୍ଦିରର ଆଜି ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନିଆ ଏହି ଉତ୍ସବକୁ ଆଜି ଅବସରପ୍ରାପ୍ତ ଶିକ୍ଷକ ରାହାସ ବିହାରୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଜେଜେ ଓ ଜେଜେମାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପୁନଶ୍ଚ ବୃଦ୍ଧାଶ୍ରମର ଆବଶ୍ୟକତା ଜରୁରୀ କି ପ୍ରସଙ୍ଗରେ ଆଲୋଚନା କରାଯାଇଛି। ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତର୍କ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଛି। ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବରେ ଅମ୍ବିକା ପ୍ରସାଦ ସାମଲ, ମୁଖ୍ୟବକ୍ତା ଭାବରେ ପଦ୍ମାକର ଗୁରୁ, ସମ୍ମାନିତ ଅତିଥିଭାବରେ ହରେକୃଷ୍ଣ ବାରିକ, ସାମ୍ବାଦିକ ସୁକାନ୍ତ ଦାଶ, ସରପଞ୍ଚ ଜ୍ଞାନରଞ୍ଜନ ଜେନା ପ୍ରମୁଖ ବିଦ୍ୟାଳୟର ଅଭିବୃଦ୍ଧି ଓ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ଓଷ୍ଟାର ଜିଲା ଉପ ସଭାପତି ସଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଲୋତକ ବିନ୍ଦୁ ଦାସ ଓ ବରିଷ୍ଠ ସହଯୋଗୀ ମିତ୍ରଭାନୁ ସାମନ୍ତସିଂହାରଙ୍କ ସହ ସମସ୍ତ ଗୁରୁମା, ଗୁରୁଜୀ ଓ ଅଭିଭାବକ ପରିଚାଳନା କରିଥିଲେ।




### ପଞ୍ଚାୟତ ମିଶନଶକ୍ତି ଗୃହ ଅଧପନ୍ତରିଆ

## ମହିଳା ଗୋଷ୍ଠୀ ମଧ୍ୟରେ ତେଜୁଛି ଅସନ୍ତୋଷ

ମାର୍ଶାଘାଇ,୧୫ା୨(ସମିସ):



ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ସଶକ୍ତ କରିବାକୁ ସରକାର ଗୁରୁତ୍ୱାରୋପ କରୁଛନ୍ତି। ପ୍ରତି ପଞ୍ଚାୟତସ୍ତରରେ ମହିଳା ଗୋଷ୍ଠୀ କାର୍ଯ୍ୟ ତଦାରଖ କରିବା ତଥା ସମନ୍ୱୟ ରଖିବାକୁ ମହାସଂଘ ଓ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଉଛି। ପଞ୍ଚାୟତସ୍ତରରେ ମହାସଂଘ କାର୍ଯ୍ୟାଳୟ ନିମନ୍ତେ ୫ଲକ୍ଷ ବ୍ୟୟବରାଦ କରାଯାଇଛି। ମିଶନଶକ୍ତି ମହାସଂଘ କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟସୀମା ବ୍ୟବଧାନରେ ଶେଷ କରିବାକୁ ବ୍ଲକ୍ ପ୍ରଶାସନ ଗାଇଡ୍ ଲାଇନରେ ଉଲ୍ଲେଖ ରହିଛି। ବ୍ଲକ ପ୍ରଶାସନ ଓ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ପଞ୍ଚାୟତସ୍ତରୀୟ ମିଶନଶକ୍ତି ମହାସଂଘ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ନହୋଇ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତସ୍ତରୀୟ ନିର୍ମାଣାଧିନ ମିଶନଶକ୍ତି ମହାସଂଘ କାର୍ଯ୍ୟାଳୟ ଅଧାପନ୍ତରିଆ ଭାବେ ଅଟକି ରହିଛି। ୨୦୨୧ ମସିହା ଅଗଷ୍ଟ ୨୫ ତାରିଖରୁ ୫ଲକ୍ଷ ବ୍ୟବରାଦରେ ମିଶନଶକ୍ତି କାର୍ଯ୍ୟାଳୟ ଭିତ୍ତପ୍ରସ୍ତର ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାସଂଘ କାର୍ଯ୍ୟାଳୟ ଅଧିକ ଅର୍ଥ ଆବଶ୍ୟକତା ଦର୍ଶାଇ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଫଳରେ ପଞ୍ଚାୟତସ୍ତରୀୟ ମହାସଂଘ ବିଭିନ୍ନ କାର୍ଯ୍ୟକ୍ରମ ମାସିକ ବୈଠକ ବସିବାରେ ଗୁରୁତର ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। କୁହୁଡି ପଞ୍ଚାୟତ ମହାସଂଘ ଅଧୀନରେ ୧୩୮ରୁ ଅଧିକ ସ୍ୱୟଂସହାୟିକା ଗୋଷ୍ଠୀ ୨୫୦୦ରୁ ଅଧିକ ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଛି। ପଞ୍ଚାୟତ ସମସ୍ତ ମହିଳାଗୋଷ୍ଠୀଙ୍କୁ ଋଣ ବ୍ୟବସ୍ଥା ସମେତ ଆନୁସଂଗୀକ କାର୍ଯ୍ୟ ପରିଚାଳନା କରିବାକୁ ମିଶନ ଶକ୍ତି ପକ୍ଷରୁ ଏମ୍‌ବିକେ, ସିଆରପି ନିଯୁକ୍ତ କରାଯାଇଛି। ଗୋଷ୍ଠୀ କାର୍ଯ୍ୟକ୍ରମ ତଦାରଖ ତଥା ମହାସଂଘ କର୍ମକର୍ତ୍ତାଙ୍କ ବୈଠକ ନିମନ୍ତେ ମହାସଂଘ କାର୍ଯ୍ୟାଳୟ ଆବଶ୍ୟକତା ରହିଛି। ମହାସଂଘ ସଭାପତି, ସମ୍ପାଦିକାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ଏମାନଙ୍କ ପ୍ରତିମାସରେ ୪ଟିରୁ ଅଧିକ ବୈଠକ ବସିବାର ନିୟମ ନିର୍ଦ୍ଧାରଣ କରାଯାଇଛି। ମହାସଂଘ କାର୍ଯ୍ୟାଳୟ ଅଧାପନ୍ତରିଆ ଅବସ୍ଥାରେ ଅଟକିବାରୁ ଗୁରୁତର ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି। ଏନେଇ ମହାସଂଘ ଅଧାପନ୍ତରିଆ କାର୍ଯ୍ୟାଳୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ମହାସଂଘ ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରି ମଧ କୌଣସି ସୁଫଳ ମିଳୁନାହିଁ। ପଞ୍ଚାୟତ ମିଶନଶକ୍ତି ମହିଳା ସଂଗଠନ ଅଭିଯୋଗ ପ୍ରତି ବ୍ଲକ ପ୍ରଶାସନ ଆଦୌ ଦୃଷ୍ଟି ଦେଉନଥିବା ସଂଘ ସଦସ୍ୟମାନେ ଅଭିଯୋଗ କରୁଛନ୍ତି। ପ୍ରକଳ୍ପ ମୂଲ୍ୟ ୫ଲକ୍ଷ ବ୍ୟୟବରାଦରେ ମହାସଂଘ କାର୍ଯ୍ୟାଳୟ ସମ୍ପନ୍ନ କରିବାକୁ ନିୟମ ରହିଛି। ମହାସଂଘ କାର୍ଯ୍ୟାଳୟ ନିମନ୍ତେ ନିର୍ଦ୍ଧାରିତ ମୂଲ୍ୟ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଜନା ଶେଷ କରିବାକୁ ନିର୍ମାଣ ସଂସ୍ଥା ଓ ବ୍ଲକ ପ୍ରଶାସନର ଦାୟୀତ୍ୱ ରହିଛି। ଠିକାସଂସ୍ଥା ବ୍ଲକ ପ୍ରଶାସନିକ ଅବହେଳା ଯୋଗୁ ମହାସଂଘ କାର୍ଯ୍ୟାଳୟ ନିର୍ମାଣ ଶେଷ କରାଯାଉନଥିବା ଅଭିଯୋଗ ହେଉଛି। ଏନେଇ ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କରଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ଯୋଗୁ ଅଧିକ ବ୍ୟୟବରାଦ ଆବଶ୍ୟକ ପଡୁଛି। ତେଣୁ ଯୋଜନା ଆଗେଇ ପାରୁନାହିଁ। ପ୍ରକଳ୍ପ ନିମନ୍ତେ ୫ଲକ୍ଷ ବ୍ୟୟବରାଦରେ ନିର୍ମାଣ ଶେଷ କରିବାକୁ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ରହିଥିବା ନେଇ ବ୍ଲକ ପ୍ରଶାସନ କୌଣସି ସଠିକ୍ ଉତ୍ତର ଦେଉନାହିଁ। ରାଜନୈତିକ ଛତ୍ରଛାୟାରେ ଠିକା ସଂସ୍ଥାକୁ ୨ଟି ପର୍ଯ୍ୟାୟେରେ ୫ଲକ୍ଷ ଅନୁଦାନ ଅଧିକ ଖର୍ଚ୍ଚକରି ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଉନାହିଁ। ଅନୁକମ୍ପା ଦେଖାଇ ଜୈନିକ ପ୍ରଭାବଶାଳୀ ନେତାଙ୍କ ପ୍ରରୋଚନାରେ ସବୁନୀତି ନିୟମକୁ ଜଳାଞ୍ଜଳି ଦେଇ ମହିଳା ମହାସଂଘ କାର୍ଯ୍ୟାଳୟ ନିର୍ମାଣ ଶେଷ କରିବାରେ ଅବହେଳା କାହା ସ୍ୱାର୍ଥରେ ବୋଲି ତୁଳସୀକ୍ଷେତ୍ର ଇସି ମହାସଂଘ ସମ୍ପାଦିକା ଉର୍ମିଳା ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ କୁହୁଡ଼ି ମହିଳା ମହାସଂଘ କାର୍ଯ୍ୟାଳୟ ଶେଷ କରିବାକୁ ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ମହାସଂଘ ପକ୍ଷରୁ ଦାବି ହୋଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ଡେରାବିଶ, ୧୫ା୨(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ଉଚ୍ଚବିଦ୍ୟାଳୟର ୧୯୮୮ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କ୍ଷୀରୋଦ ଚନ୍ଦ୍ର ଭଦ୍ର ଓ ନିରାକାର ଦାସଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ଦିପକ କୁମାର ସାମଲ, ଦିଲୀପ କୁମାର ସାମଲ, ଗୁରୁଚରଣ ପ୍ରଧାନ, ଅନିଲ କୁମାର ସେଠୀ ଏବଂ ମଧୁସ୍ମିତା ପଣ୍ଡା, ଅରୁନ୍ଧତି ପଣ୍ଡା, ସସ୍ମିତା ସାମଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ।

**୨୧ରୁ ମାଟ୍ରିକ ପରୀକ୍ଷା**

# ୯୪ କେନ୍ଦ୍ରରେ ୧୫, ୫୫୪ ପରୀକ୍ଷାର୍ଥୀ




ଢେଙ୍କାନାଳ, ୧୫ ।୨(ସମିସ)

ଢେଙ୍କାନାଳ ଜିଲ୍ଲାରେ ଶନିବାରଠାରୁ ସିବିଏସଇ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି । ଚଳିତବର୍ଷ ୪ କେନ୍ଦ୍ରରେ ୯୩୬ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସେହିପରି ଆସନ୍ତା ୨୧ ତାରିଖରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଜିଲ୍ଲାର ୯୪ ପରୀକ୍ଷା କେନ୍ଦ୍ରରେ ମୋଟ ୧୫ ହଜାର ୫୫୪ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡ଼ିଛି ।

ମାଟ୍ରିକ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ଜିଲ୍ଲାର ମୋଟ ୯୪ କେନ୍ଦ୍ର ମଧ୍ୟରୁ ୫୦ଟି ସମ୍ବେଦନଶୀଳ ରହିଥିବା ଜଣାପଡ଼ିଛି । ପରୀକ୍ଷାରେ କପି ରୋକିବା ଏବଂ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ସମସ୍ତ କେନ୍ଦ୍ରରେ ସିସିଟିଭି ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବାଠାରୁ ଆରମ୍ଭ କରି ଉତ୍ତରଖାତା ପଠାଯିବା ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟର ବ୍ଲୁ ପ୍ରିଣ୍ଟପ୍ରସ୍ତୁତି ଶେଷ ହୋଇଛି । ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୫ ହଜାର ୪୬୨ ଜଣ ରେଗୁଲାର ଏବଂ ୯୨ ଜଣ ଏକ୍ସ-ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି । ୯୪ ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୩ କେନ୍ଦ୍ର ରହିଥିବା ବେଳେ ୯ଟି ସମ୍ବେଦନଶୀଳ, ଭୁବନ ବ୍ଲକରେ ୧୧ କେନ୍ଦ୍ର ଓ ୪ଟି ସମ୍ବେଦନଶୀଳ, ଗଁଦିଆ ବ୍ଲକରେ ୧୩ କେନ୍ଦ୍ର ଓ ୭ଟି ସମ୍ବେଦନଶୀଳ, ହିନ୍ଦୋଳ ବ୍ଲକରେ ୧୩ ଓ ୫ଟି ସମ୍ବେଦନଶୀଳ, କାମାକ୍ଷାନଗର ବ୍ଲକରେ ୧୧ କେନ୍ଦ୍ର ଓ ୩ଟି ସମ୍ବେଦନଶୀଳ, କଙ୍କଡ଼ାହାଡ଼ ବ୍ଲକରେ ୮ କେନ୍ଦ୍ର ଓ ୬ଟି ସମ୍ବେଦନଶୀଳ, ଓଡ଼ାପଡ଼ା ବ୍ଲକରେ ୧୩ କେନ୍ଦ୍ର ଓ ୮ଟି ସମ୍ବେଦନଶୀଳ, ପରଜଙ୍ଗ ବ୍ଲକରେ ୧୦ କେନ୍ଦ୍ର ଓ ୮ଟି ସମ୍ବେଦନଶୀଳ କେନ୍ଦ୍ର ରହିଛି। ପ୍ରଶ୍ନପତ୍ର ଗଚ୍ଛିତ ରଖିବା ପାଇଁ ୧୦ଟି ନୋଡାଲ ସେଣ୍ଟର କରାଯାଇଛି। ଠିକ ସମୟରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୨୪ଟି ଡେସପାଚ ଟିମ ଗଠନ କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ନେବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଚଳିତ ବର୍ଷ ପ୍ରଶ୍ନପତ୍ରରେ ବାରକୋଡ୍ ବ୍ୟବସ୍ଥା ହୋଇଛି । ଏହାଦ୍ୱାରା କେଉଁ ସ୍ଥାନରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ତାହା ଜଣାପଡ଼ିବ। ଅନ୍ୟପଟେ ଜିଲ୍ଲାରେ ଦିନକୁ ଦିନ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ୨୦୨୩-୨୪ରେ ମୋଟ ୧୬ ହଜାର ୭୮ଜଣ ପରୀକ୍ଷା ଦେଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୫ ହଜାର ୫୫୪କୁ ଖସିଯାଇଛି । ପ୍ରାୟ ୧ ହଜାର ୨୨୬ଜଣ କମ୍ ଛାତ୍ରଛାତ୍ରୀ ଚଳିତ ବର୍ଷ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ମାଟ୍ରିକ ପରୀକ୍ଷାର୍ଥୀ ସଂଖ୍ୟା ହ୍ରାସ ପାଇଥିବା ବେଳେ ସେହି ଅନୁସାରେ ଯୁକ୍ତଦୁଇ କଲେଜଗୁଡ଼ିକ ମଧ୍ୟ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଉଛି ।

**● ଚରିତ୍ରକୁ ସନ୍ଦେହ**

## ମଦ୍ୟପ ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ, ଅଭିଯୁକ୍ତ ଗିରଫ



ବଅଁରପାଳ, ୧୫ ।୨(ସମିସ): ବଅଁରପାଳ ଥାନା ନୂଆହତା ପଞ୍ଚାୟତ ପାଟଣା ସାହିରେ ଥିବା ଏକ ଭଡ଼ାଘରୁ ପୁଲିସ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି । ମୃତକ ହେଲେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଅଞ୍ଚଳର ସୁବ୍ରତ ସାମଲଙ୍କ ସ୍ତ୍ରୀ ପାୟଲ ସାମଲ । ପାୟଲଙ୍କ ଚରିତ୍ରକୁ ସନ୍ଦେହ କରି ସୁବ୍ରତ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୁଲିସ ସୁବ୍ରତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି । ୮ ବର୍ଷ ତଳେ ସୁବ୍ରତ ପାୟଲଙ୍କୁ ପ୍ରେମ ବିବାହ କରିଥିଲେ । ସୁବ୍ରତ ମେରାମଣ୍ଡଳି ଟାଟା ଷ୍ଟିଲ କାରଖାନାରେ ଫିଟର ଭାବେ କାମ କରନ୍ତି । ସେ ଗତ ଏକ ବର୍ଷ ହେଲା ନିଜ ପାଞ୍ଚ ବର୍ଷର ଝିଅ ଓ ସ୍ତ୍ରୀଙ୍କ ସହ ସେହି ଭଡ଼ାଘରେ ରହି ଆସୁଥିଲେ । ସୁବ୍ରତଙ୍କ କହିବା ଅନୁଯାୟୀ ପାୟଲ ଅଧିକାଂଶ ସମୟରେ ଫୋନରେ ଅନ୍ୟ ପୁରୁଷଙ୍କ ସହ କଥା ହେଉଥିଲେ । ଏଣୁ ସେ ସବୁଦିନ ମଦ୍ୟପାନ କରି ଘରକୁ ଫେରୁଥିଲେ । ଅଧିକାଂଶ ଦିନ ପାୟଲଙ୍କ ସହ ଝଗଡ଼ା କରୁଥିଲେ । ଶନିବାର ଦ୍ୱିପ୍ରହରରେ ଖାଇବା ସାରିବା ପରେ ସୁବ୍ରତ ଓ ପାୟଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସୁବ୍ରତ ପାୟଲଙ୍କ ମୁହଁକୁ ମୁଥ ମାରିଥିଲେ । ଫଳରେ ପାୟଲ ଅଚେତ ହୋଇ ପଡ଼ିଯାଇଥିଲେ । ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ସୁବ୍ରତ ଘର ମାଲିକଙ୍କୁ ଜଣାଇଥିଲେ । ଘର ମାଲିକ ଏ ନେଇ ଥାନାକୁ ଜଣାଇଥିଲେ । ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପାୟଲଙ୍କୁ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର




ପାଲଲହଡ଼ା, ୧୫ ।୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡସ୍ଥିତ ଶରତ ଚନ୍ଦ୍ର କ୍ଲବରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଦ୍ୱାରା ଶନିବାର ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ବିଡିଓ ନିଶାନ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ବାଲ୍ୟ ବିବାହ ନିରାକରଣ ସଂଯୋଜକ, ସିଡିପିଓ, ଏସଡିପିଓ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମହିଳା ସୁରକ୍ଷା ଆଇନ ଅନ୍ତର୍ଗତ ଘରୋଇ ହିଂସା, ବାଲ୍ୟବିବାହ, ମହିଳା ସୁରକ୍ଷା ଯୋଜନା ଅନ୍ତର୍ଗତ ମମତା, ସୁଭଦ୍ରା, ଲକ୍ଷପତି ଦିଦି, ଆୟୁଷ୍ମାନ ଯୋଜନା ବିଷୟରେ ଆଲୋଚନା କରି ଉପସ୍ଥିତ ମହିଳାମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀ, କଲେଜ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗଦେଇଥିଲେ ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ସହଭାଗିତା ବୈଠକ

ଢେଙ୍କାନାଳ, ୧୫ ।୨(ସମିସ): ସଦର ବ୍ଲକ ଲେମ୍ବୁବାରି ପ୍ରାଥମିକ ବିଦ୍ୟାଳୟରେ କାକୁଡ଼ିଭାଗ କ୍ଲଷ୍ଟର ଅଧୀନ ସମସ୍ତ ପ୍ରଧାନଶିକ୍ଷକ ଓ ଏଫଏଲଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାସିକ ସହଭାଗିତା ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସିଆରସିସି ଦିଲୀପ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇଥିଲେ। ବୈଠକରେ ଫେବୃଆରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବିଦ୍ୟାଳୟର ଶୈକ୍ଷିକ ଓ ଭୌତିକ ବାତାବରଣର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ, ଶ୍ରେଣୀ ପରିଚାଳନା ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସୁବିଧା ଓ ଅସୁବିଧା, କିଟ୍‌ସ ବ୍ୟବହାର କରି ଘନ ବସ୍ତୁର ଗୁଣାବଳୀ ନିର୍ଣ୍ଣୟ, ବିଦ୍ୟାଳୟକୁ ମଞ୍ଜୁର ହୋଇଥିବା ବିଭିନ୍ନ ଅନୁଦାନର ସୁବିନିଯୋଗ ଆଦି ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ସିଆରସିସି ଅର୍ଜୁନ ନାୟକ ସାଧନ କର୍ମୀଭାବେ ଯୋଗଦେଇ ବୈଠକ ପରିଚାଳନା କରିଥିଲେ । ଶିକ୍ଷକ ରଞ୍ଜନ ପଧାନ ଓ ଶରତ ବେହେରା ମୌଳିକ ସାକ୍ଷରତା ଏବଂ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଓ ସଙ୍ଗୀତା ସାହୁ ସଂଖ୍ୟାଜ୍ଞାନ ଉପରେ ପାଠ୍ୟଯୋଜନା ପ୍ରସ୍ତୁତ କରି ବୈଠକରେ ଉପସ୍ଥାପନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ।




## ଅରଖପାଳରେ ୪୮ ଅଯୋଗ୍ୟ ହିତାଧିକାରୀ

ଭୁବନ, ୧୫ ।୨(ସମିସ): ଭୁବନ ବ୍ଲକର ୧୮ ପଞ୍ଚାୟତରେ ୫୭୭ ଅଯୋଗ୍ୟ ଘୋଷିତ ରାସନ କାର୍ଡ ହିତାଧିକାରୀ ରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । କେବଳ ଅରଖପାଳ ଗ୍ରାମରେ ୪୮ ଅଯୋଗ୍ୟ ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ମାଳତୀ ବରାଳ, ଖଗେଶ୍ୱର ଦଲେଇ, ରାମା ବରାଳ, କାମିନୀ ବରାଳ, ରବି ବରାଳ, ସୁଷମା ମିଶ୍ର, ଯଶୋଧାରା ସାମଲ, ଅମିନ ଲେଙ୍କା, ଶୁକଦେବ ନାୟକ, ରବିନାରାୟଣ ମିଶ୍ର, କୁମୁଦିନୀ ମିଶ୍ର, ମାୟାଧର ଦଲେଇ, ପ୍ରକାଶ ବରାଳ, ଅନିମା ମିଶ୍ର, ଅନ୍ନପୂର୍ଣ୍ଣା ଦଲେଇ, ପଦ୍ମାବତୀ ବେହେରା, ବଲ୍ଲଭ ବେହେରା, ସାରଦା ଦାସ, ସରୋଜିନୀ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ମଲ୍ଲିକା ବରାଳ, ତ୍ରିପୁରା ବରାଳ, ପଦ୍ମନାଭ ମିଶ୍ର, ହୀନ ବରାଳ, ମାଧବ ବରାଳ, କାର୍ତ୍ତିକ ସ୍ୱାଇଁ, ବସନ୍ତ ମିଶ୍ର, ଅଭିମନ୍ୟୁ ନାୟକ, ଗୋବିନ୍ଦ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ପ୍ରତିମା ନାୟକ, ସୀତା ମିଶ୍ର, ବରୁଣ ବରାଳ, ଧରଣୀ ବରାଳ, ସୁଭଦ୍ରା ବରାଳ, ସୁଷମା ନାୟକ, ଅସିତ ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର, କିଶୋର ବରାଳ, କୈଳାସ ସାମଲ, ନିର୍ମଳ ନାୟକ ପ୍ରମୁଖ ମହଙ୍ଗା ଭତ୍ତା ପାଉଛନ୍ତି । ସେହିପରି ୪ ଚକିଆ ଯାନ ଥାଇ ରାସନ କାର୍ଡ ହାତେଇଛନ୍ତି ବିଜେପି ନେତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ନାୟକଙ୍କ ସମେତ ଜୟନ୍ତୀ ବେହେରା ଓ ସୀତା ସ୍ୱାଇଁ । ଏମାନଙ୍କ ନାମରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗୌରାଙ୍ଗ ନାୟକ।

## ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାନ୍ତ ସ୍ଥାପନର ବାର୍ଷିକ ଉତ୍ସବ




ଢେଙ୍କାନାଳ, ୧୫ ।୨(ସମିସ): ସ୍ଥାନୀୟ ଅରବିନ୍ଦନଗରରେ ପରମପ୍ରଭୁ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାନ୍ତ ସ୍ଥାପନର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସାଧକ ଡା. ଶାନ୍ତନୁ କୁମାର ମିଶ୍ର ଓ ପ୍ରଭାତ କୁମାର ନାୟକ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତି ବିଷୟରେ ଆଲୋକପାତ କରିଥିଲେ। ଏଥରେ ୧ ହଜାରରୁ ଊର୍ଦ୍ଧ୍ୱ ମାତୃପ୍ରେମୀ ଯୋଗଦେଇଥିଲେ। ଇନ୍ଦ୍ରମଣି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଭାଇ ଗୋବର୍ଦ୍ଧନ ସାହୁ, ଧୀରେନ୍ଦ୍ର ମହାନ୍ତି, କ୍ଷୀରୋଦ କୁମାର ପାତ୍ର, ପଞ୍ଚାନନ ଜେନା, ବିପିନ ବିହାରୀ ରାଉତ, ସନ୍ତୋଷ କୁମାର ସ୍ୱାଇଁ, କଳଲେଶ ତୁଙ୍ଗ, ବାସୁଦେବ ମାଟି, ମିଲୁ ଭାଇ, ଅଜୟ କୁମାର ବଳ ପ୍ରମୁଖ ସହଯୋଗ କରିଥିଲେ।

**● ଡେରିରେ ଅଫିସ ଆସିବାରୁ କାର୍ଯ୍ୟାନୁଷ୍ଠାନ**

## ୪ ମହିଳା କର୍ମଚାରୀଙ୍କ ଦରମା ବନ୍ଦ

ଅନୁଗୋଳ, ୧୫ ।୨(ସମିସ): ଆକ୍ସନ ମୁଡ୍‌ରେ ଥିବା ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ କର୍ମଚାରୀଙ୍କୁ ସମୟାନୁବର୍ତ୍ତୀ, ଦକ୍ଷ ଏବଂ ଦୁର୍ନୀତିମୁକ୍ତ ହେବା ପାଇଁ ଆହ୍ୱାନ ଦେଇଆସୁଛନ୍ତି । ତେବେ ଅନେକେ ଏହାକୁ ମାନୁ ନ ଥିଲେ । ଏଣୁ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଶନିବାର ଉପସ୍ଥାନ ଖାତା ଯାଞ୍ଚ କରିଥିଲେ । ଏଥିରେ ଚାରି ଜଣ ମହିଳା କର୍ମଚାରୀ ବିଳମ୍ବରେ ଆସିଥିବା ଜଣାପଡ଼ିବାରୁ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ସହ ଦିନକର ଦରମା ବନ୍ଦ କରିଛନ୍ତି ।

## ତରଭୁଜ ବ୍ୟବସାୟୀଙ୍କଠୁ ଲୁଟ୍, ଜଣେ ଗିରଫ

ଭୁବନ, ୧୫ ।୨(ସମିସ): ଭୁବନ ବ୍ଲକ ଯମୁନାକୋଟ ପଞ୍ଚାୟତ ବସଷ୍ଟାଣ୍ଡରେ ଜଣେ ତରଭୁଜ ବ୍ୟବସାୟୀଙ୍କଠାରୁ ଲୁଟ୍ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଯମୁନାକୋଟ ପଞ୍ଚାୟତ କୋହ୍ଲସାହିର ଚିତ୍ତ ନାୟକଙ୍କ ପୁଅ ବସନ୍ତ ନାୟକ (୩୮) । ଯମୁନାକୋଟ ପଞ୍ଚାୟତ ବସଷ୍ଟାଣ୍ଡରେ ତରଭୁଜ ଦୋକାନ କରିଥିବା ଖଣ୍ଡିଆ ସାହିର ଶ୍ୟାମସୁନ୍ଦର ସାହୁଙ୍କଠାରୁ ଶୁକ୍ରବାର ରାତିରେ ଅଜଣା ଦୁର୍ବୃତ୍ତ ଛୁରୀ ଦେଖାଇ ୪ ହଜାର ଟଙ୍କା ସହ ୧୨ ହଜାର ଟଙ୍କାର ମୋବାଇଲ ଛଡ଼ାଇ ନେଇଥିଲେ । ଏ ନେଇ ଶ୍ୟାମସୁନ୍ଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ବସନ୍ତଙ୍କୁ ଗିରଫ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଭୁବନ, ୧୫ ।୨(ସମିସ): ଭୁବନ ଥାନା ଏକତାଳି ପଞ୍ଚାୟତର ଏକତାଳି ଗ୍ରାମର ଉପେନ୍ଦ୍ର ସାମଲଙ୍କ ପୁଅ ଉମାକାନ୍ତ ସାମଲ (୩୮) ପାରିବାରିକ କଳହକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଉମାକାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଉମାକାନ୍ତ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଉମାକାନ୍ତଙ୍କ ଏକମାତ୍ର ଝିଅ ଅଛନ୍ତି। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

## ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ପ୍ରତାରଣା

ଛେଣ୍ଡିପଦା, ୧୫ ।୨(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ୪ବର୍ଷ ହେବ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ହେମନ୍ତ ନାଏକଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି ।

## ସ୍କ୍ରାପ୍ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ; ୨ ଗିରଫ

ଛେଣ୍ଡିପଦା, ୧୫ ।୨(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ଏକ ସ୍କ୍ରାପ୍ ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ବାଲିଚନ୍ଦ୍ରପୁର ଗାଁ ନିକଟରେ ଏକ ପିକଅପ ଭ୍ୟାନରେ ବେଆଇନ ସ୍କ୍ରାପ ବୋଝେଇ ହେଉଥିବା ଖବର ପାଇ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଦୁଇ ଯୁବକ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ସେମାନଙ୍କୁ ଗୋଡ଼ାଇ ଧରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଉତ୍ତରପ୍ରଦେଶ ବାରଣାସୀର ଆର୍ଯ୍ୟନ ସ ଓ ଜରପଡ଼ା ଥାନା ତୁବେ ଗାଁର ରବୀନ୍ଦ୍ର ସେଠୀ । ପୁଲିସ ପିକ୍‌ଅପ୍ ଭ୍ୟାନ୍ ସହ ସେଥିରେ ଥିବା ୫୪୦ କେଜି ସ୍କ୍ରାପ୍ ଜବତ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## ସର୍ଟ୍‌ସର୍କିଟରୁ ଜଳିଗଲା ଘର



ଅନୁଗୋଳ, ୧୫ ।୨(ସମିସ): ଅନୁଗୋଳ ବ୍ଲକ ବନ୍ତଳା ଥାନା ଅନ୍ତର୍ଗତ ତଳଗଡ଼ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗ୍ରାମର ଅଭୟ ପ୍ରଧାନଙ୍କ ଦୁଇ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି । ପୂର୍ବାହ୍ନ ୧୧ଟା ବେଳେ ସର୍ଟ୍‌ସର୍କିଟ ଯୋଗୁଁ ଘରେ ନିଆଁ ଲାଗିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇ ସାରିଥିଲା । ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଥିବା ଅନୁମାନ କରାଯାଉଛି ।

**● ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟବଲ**

## ଫାଇନାଲରେ ମା' ବୁଢ଼ୀ ଦଳ

ଅନୁଗୋଳ, ୧୫ ।୨(ସମିସ): ସ୍ଥାନୀୟ ଶିବା ପଡ଼ିଆରେ ଆୟୋଜିତ ଦ୍ୱିତୀୟ ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଛି । ଦୁଦୁରୁକୋଟକୁ ୩-୦ ଗୋଲରେ ପରାସ୍ତ କରି ଅନୁଗୋଳ ମା' ବୁଢ଼ୀ କ୍ଲବ ଫାଇନାଲରେ ପ୍ରବେଶ କରିଛି । ଧନେଶ୍ୱର ସର୍ଦ୍ଦାର ଖେଳ ପରିଚାଳନା କରିଥିଲେ । ଆସନ୍ତା ୧୬ ତାରିଖ ସାଉଥ ବଲଣ୍ଡା ଓ ମା' ବୁଢ଼ୀ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ମୌଳିକ ସମସ୍ୟାରେ ଜର୍ଜରିତ ତାଳଚେର






ତାଳଚେରସଦର, ୧୫ ।୨(ସମିସ)

ସ୍ୱାଧୀନତାର ଦୀର୍ଘ ୭୬ବର୍ଷ ପରେ ମଧ୍ୟ ତାଳଚେର ଆଜି ସବୁକ୍ଷେତ୍ରରେ ଅବହେଳିତ ହୋଇ ପଡ଼ିଛି। ମୌଳିକ ସମସ୍ୟାରେ ଅଞ୍ଚଳବାସୀ ଜର୍ଜରିତ ହୋଇ ସତେ ଯେପରି ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ତାଳଚେର ପ୍ରତି କ୍ଷେତ୍ରରେ ଅବହେଳିତ। ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ଗମନାଗମନ ଆଦି କ୍ଷେତ୍ରରେ ତାଳଚେର ଅଞ୍ଚଳ ଆଖିଦୃଶିଆ ବିକଶିତ ହୋଇପାରିନାହିଁ।

ଖଣିଖାଦାନ ଓ ଶିଳ୍ପାନୁଷ୍ଠାନ ପାଇଁ ଭାରତ ମାନଚିତ୍ରରେ ତାଳଚେର ଅଞ୍ଚଳ ବେଶ୍ ପରିଚିତ। ତେବେ ଏହି ଖଣିଖାଦାନ ଓ ଦ୍ରୁତ ଶିଳ୍ପାୟନ ନେଇ ଆଜି ତାଳଚେରର ଜଳ, ସ୍ଥଳ, ଆକାଶ ସବୁକିଛି ପ୍ରଦୂଷିତ। ପ୍ରଦୂଷଣ ଯୋଗୁଁ ଅଞ୍ଚଳବାସୀ ଯମଯନ୍ତ୍ରଣା ଭୋଗୁଛନ୍ତି। ଅଞ୍ଚଳର ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁଁ ଅକାଳରେ ଲୋକଙ୍କ ଜୀବନ ଯାଉଛି। ସ୍ୱାସ୍ଥ୍ୟ କଥା ନ କହିବା ଭଲ। ଧୂଳିଧୂଆଁରେ ଜର୍ଜରିତ ଅଞ୍ଚଳବାସୀ। ବିଦ୍ୟୁତ, ପାନୀୟଜଳ ଯୋଗାଣରେ ଏଠାରେ ଘୋର ଅବ୍ୟବସ୍ଥା ଲାଗି ରହିଛି। ଉଭୟ ରାଜ୍ୟ କେନ୍ଦ୍ର ସରକାର ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଅଞ୍ଚଳର ବିକାଶ ପରିବର୍ତ୍ତେ ବିନାଶ ହୋଇଚାଲିଛି। ଚିରୋସ୍ରୋତା ବ୍ରାହ୍ମଣୀ ନଦୀରେ ରେଙ୍ଗାଳି ବହୁମୁଖୀ ଯୋଜନା, ସମଲ ଆନିକଟ ଆଦି ନିର୍ମାଣ ହୋଇଛି। ତାଳଚେର ସହର ନିକଟରେ ନଦୀ ପ୍ରବାହିତ ହେଉଥିଲେ ମଧ୍ୟ ତାଳଚେରବାସୀ ପାନୀୟଜଳ ମୁନ୍ଦେ ପାଇଁ ସଂଘର୍ଷ କରିଚାଲିଛନ୍ତି। ଅସ୍ୱାସ୍ଥ୍ୟକର ଜଳ ବ୍ୟବହାର କରି ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତାଳଚେର ଅଞ୍ଚଳରେ ଏବେ ବି ଲୋକେ ଗରା, ବାଲଟି ଧରି ଜଳଉତ୍ସଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଥିବା ଦେଖିବାକୁ ମିଳିଥାଏ। ଏପରିକି ତାଳଚେର ପୌରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟଜଳ ମଧ୍ୟ ଜହର ସାଜିଛି। ଖଣିଖାଦାନ ଦ୍ୱାରା ପ୍ରଦୂଷଣ ଓ ଉତ୍ତାପ ବୃଦ୍ଧି ଯୋଗୁଁ ତାଳଚେର ଏବେ ତତଲା କଡ଼େଇ ପାଲଟିଥିବା ବେଳେ ବିଦ୍ୟୁତର ଲୁଚକାଳି ଖେଳ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଉଛି। ତାଳଚେର ଅଞ୍ଚଳରେ ଦୁଇଟି କୋଇଲାଭିତ୍ତିକ ଓ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ବେଳେ ତାହା ରାଜ୍ୟ ବାହାରକୁ ବିକ୍ରି କରାଯାଉଛି। କିନ୍ତୁ ତାଳଚେର ଅଞ୍ଚଳବାସୀ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ତ୍ରାହିତ୍ରାହି ଡାକିବା ଘଟଣା ଉଦବେଗର ବିଷୟ ହୋଇଛି। ସୂଚନା ଅନୁସାରେ ତାଳଚେର ଉପଖଣ୍ଡରୁ ଏନଟିପିଏସି, ଜେଆଇଟିପିଏଲ ଭଳି କମ୍ପାନୀ ୪ ହଜାରରୁ ଅଧିକ ମେଗାୱାଟ ବିଜୁଳି ଉତ୍ପାଦନ କରୁଛନ୍ତି। ମାତ୍ର ଦୀପତଳ ଅନ୍ଧାର ଭଳି ତାଳଚେରବାସୀ ଉପଯୁକ୍ତ ବିଦ୍ୟୁତ୍ ସେବା ପାଇପାରୁନାହାନ୍ତି। ଅନ୍ୟପଟେ ଏମସିଏଲ କମ୍ପାନୀ ରେକର୍ଡ ପରିମାଣରେ କୋଇଲା ପରିବହନ କରି ପୁରସ୍କୃତ ହେଉଥିବା ବେଳେ କୋଇଲା ଖଣିଗୁଡ଼ିକରୁ ବିସ୍ଥାପିତ ତଥା ପ୍ରଭାବିତ ଜନସାଧାରଣ ନିରବଚ୍ଛନ୍ନ ବିଦ୍ୟୁତ୍ ସେବା ପାଇପାରୁନାହାନ୍ତି. ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ସତେଯେପରି ସମସ୍ତେ ତାଳଚେର ପ୍ରତି ଆଖି ବୁଜିଦେଇଥିବା ଅବସ୍ଥା ଉପୁଜିଛି ।

■ ରାଇସ୍ ମିଲ୍‌ରେ ଚଢ଼ଉ

# ଆଉ ୨ ଟ୍ରକ୍ ଚାଉଳ ଜବତ




**ଜଗତସିଂହପୁର,୧୫।୨(ସମିସ):** ବେଆଇନ ଭାବେ ଚାଉଳ ଷ୍ଟକ୍ ରଖିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପୋଲଠାରେ ଥିବା ସାଲାସର ରାଇସ୍ ମିଲ୍ ଉପରେ ଯୋଗାଣ ବିଭାଗ ତରଫରୁ ଚାଲିଥିବା ଚଢ଼ଉ ୩ୟ ଦିନରେ ପହଞ୍ଚିଛି। ଶନିବାର ଦିନ ଯୋଗାଣ ବିଭାଗର ଉକ୍ତ ଟିମ୍ ସାଲାସର ରାଇସ୍ ମିଲ ପରିସରରେ ପହଞ୍ଚି ଯାଞ୍ଚ କରିବା ସହିତ ୨ଟି ଟ୍ରକ୍ ଚାଉଳ ଜବତ କରିଥିବା ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି। ପ୍ରାୟ ୩ ହଜାର ବସ୍ତା ଚାଉଳ ବେଆଇନ ଭାବେ ଗଚ୍ଛିତ ରହିଥିବାରୁ ସୋମବାର ଦିନ ମଧ୍ୟ ଏହି ପ୍ରକ୍ରୀୟା ଚାଲୁରହିବ ବୋଲି ଶ୍ରୀମତୀ ମିଶ୍ର ସୂଚନା ଦେଇଛନ୍ତି। ଗତକାଲି ଚଢ଼ଉ ବେଳେ ବାଙ୍ଗଲାଦେଶ ସରକାର ଲେଖାଥିବା ଚାଉଳ ବସ୍ତା ଜବତ ହୋଇଥିଲା।

# କୋଟି କୋଟି ଟଙ୍କାରେ ନିର୍ମିତ ପାର୍କ ଅଦରକାରୀ?

କେନ୍ଦ୍ରାପଡା,୧୫।୨(ସମିସ)

ହଜିଗଲାଣି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିର୍ମିତ ଗ୍ରାମୀଣ ପାର୍କ। କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ପାର୍କ ଲୋକଙ୍କର କୌଣସି କାମରେ ଆସୁନି। କେତେକ ପାର୍କରେ ମାସ ମାସ ଧରି ତାଲାପଡ଼ିଛି। ଆଉ କେତେକ ପାର୍କରୁ ଉଭାନ ହୋଇଗଲାଣି ବିଭିନ୍ନ ବ୍ୟାୟାମ ସାମଗ୍ରୀ। ପିଲାମାନଙ୍କ ପାଇଁ ନିର୍ମିତ ଶିଶୁ ଉଦ୍ୟାନ ଅବସ୍ଥା ବି ଖରାପ ହୋଇଗଲାଣି।

କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ ହୋଇଥିଲା। ଗାଁର ଲୋକମାନଙ୍କୁ ସହରୀ ଅନୁଭବ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ଏହି ସବୁ ପାର୍କ। କିନ୍ତୁ ନିର୍ମାଣ ହେବାର କିଛି ଦିନ ପରେ ବ୍ୟୟବହୁଳ ପାର୍କ ଶ୍ରୀହୀନ ହୋଇ ପଡିଲା। ଏବେ ପାର୍କ ଭିତର ଓ ବାହାର ବଣ ଜଙ୍ଗଲରେ ପରିପୂର୍ଣ୍ଣ। ପାର୍କ ଭିତରକୁ ପ୍ରବେଶ କରିବା ତ ଦୂରର କଥା ପାର୍କ ପର୍ଯ୍ୟନ୍ତ ଯିବା ମଧ୍ୟ ମୁସ୍କିଲ ହୋଇ ପଡିଛି। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ସବୁ ଗ୍ରାମୀଣ ପାର୍କ। ଡେରାବିଶ ବ୍ଲକ ଅନ୍ତର୍ଗତ ସଲାରୋ ଗାଁରେ ଥିବା ଗାନ୍ଧୀ ପାର୍କ ଫାଟକରେ ତାଲା ଝୁଲୁଛି। ଭିତର ଅବସ୍ଥା ଦେଖିଲେ ଲାଗୁଛି ଏହା କେଉଁ ଜଙ୍ଗଲର ଦୃଶ୍ୟ। ସେହିପରି ରତାଦିଆ ଖଣ୍ଡସାହି ପଞ୍ଚାୟତରେ ଥିବା ବିଜୁ ପଟ୍ଟନାୟକ ଗ୍ରାମୀଣ ପାର୍କ ଅବସ୍ଥା ମଧ୍ୟ ସମାନ। ଏଠାରେ ମଧ୍ୟ ପାଦ ପକାଇବା ଅସମ୍ଭବ। ନରଣପଡ଼ାରେ ଥିବା ପାର୍କରୁ ବିଭିନ୍ନ ସୌନ୍ଦର୍ଯ୍ୟକରଣ ସାମଗ୍ରୀ କେବେଠାରୁ ଚୋରି ହୋଇ ଗଲାଣି। ଏବେ ଏହି ସବୁ ପାର୍କରେ ଦିନରେ ଛେଳି ମେଣ୍ଢା ଚରୁଛନ୍ତି, ଆଉ ରାତିରେ ନିଶାସକ୍ତମାନଙ୍କ ଆଡ୍ଡା ଜମୁଛି। କେନ୍ଦ୍ରାପଡ଼ା ଜଝାଙ୍ଗ ଗାଁରେ ରହିଛି ଆଦର୍ଶ ପୋଖରୀ। ଏହି ପୋଖରୀର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ଆଦର୍ଶ ପୋଖରୀ ବନ୍ଧରେ ଏକ ସୁନ୍ଦର ସ୍ୱାସ୍ଥ୍ୟ ପାର୍କ ମଧ୍ୟ ନିର୍ମାଣ ହୋଇଥିଲା। ଗ୍ରାମାଞ୍ଚଳର ଲୋକମାନେ ଏଠାରେ ବ୍ୟାୟାମ କରିବା ପାଇଁ ବ୍ୟୟବହୁଳ ଉପକରଣ ମାନ ରଖାଯାଇଥିଲା। ସେହିପରି ପୋଖରୀରେ ବୋଟିଂ କରିବା ପାଇଁ ମଧ୍ୟ ବୋଟ୍‌ର ବ୍ୟବସ୍ଥା ହୋଇଥିଲା। କିନ୍ତୁ ବୋଟ୍ ଏବଂ ଲାଇଫ୍ ଜ୍ୟାକେଟ ଏବେ ଖତ ଖାଉଛି। ଗାଁ ଲୋକମାନଙ୍କର କୌଣସି କାମରେ ଆସୁନି ଏହି ବ୍ୟୟବହୁଳ ଆଦର୍ଶ ପୋଖରୀ। ବରଂ ପୋଖରୀର ସୌନ୍ଦର୍ଯ୍ୟକରଣରେ ବ୍ୟବହୃତ ସାମଗ୍ରୀ ସବୁ ଚୋରି ହୋଇଗଲାଣି। ବାକି ଯାହା କିଛି ରହିଯାଇଛି ତାହା ସବୁ ପଡ଼ିପଡ଼ି ଖତ ଖାଉଛି। ମିଳିଥିବା ସୂଚନା ଅନୁଯାୟୀ ଏହି ସମସ୍ତ ଗ୍ରାମୀଣ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଥିଲା। କିନ୍ତୁ ଏଥିପାଇଁ କୌଣସି ସ୍ୱତନ୍ତ୍ର ଅର୍ଥର ବ୍ୟବସ୍ଥା କରାଯାଇନଥିଲା। ଫଳରେ ପଞ୍ଚାୟତ କର୍ତ୍ତୃପକ୍ଷ ଏହାର ରକ୍ଷଣାବେକ୍ଷଣ କରି ପାରି ନାହାନ୍ତି। ସରକାରୀ ଅର୍ଥରେ ନିର୍ମିତ ଏହି ସବୁ ଗ୍ରାମୀଣ ପାର୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇ ପାରିଲେ ଏହା ପଞ୍ଚାୟତର ରାଜସ୍ୱ ବୃଦ୍ଧିରେ ମଧ୍ୟ ସହାୟକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ରକ୍ଷଣାବେକ୍ଷଣ ଅଭାବରୁ ଲଟାବୁଦାରେ ହଜିଗଲାଣି

# ଜଳିଗଲା ଧାନଗଦା



**ଆଳି,୧୫।୨(ସମିସ):** ଅମଳ ପୂର୍ବରୁ ଖଳାରେ ଜଳିଗଲା ୧୦ ଲକ୍ଷ ଟଙ୍କାର ଧାନ। ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ପଦନପୁର ମିଲତନଗର ଗ୍ରାମରେ। ଗ୍ରାମରେ ପ୍ରାୟ ୮ ଜଣ ଚାଷୀ ଧାନ ଅମଳ କରି ୧୫ ରୁ ଉର୍ଦ୍ଧ ଧାନ ଗଦା କରି ଖଳାରେ ରଖିଥିବା ବେଳେ ଆଜି ଦିନ ପ୍ରାୟ ୨ ଟା ସମୟରେ ହଠାତ ଖଳାରେ ନିଆଁ ଲାଗି ଯାଇଥିଲା। ଗୋଟିଏ ପରେ ଗୋଟିଏ ଧାନ ଗଦାରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୧୫ ରୁ ଅଧିକ ଧାନ ଗଦା ଏହି ନିଆଁରେ ଜଳି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ପ୍ରାୟ ତିନି ଘଣ୍ଟା ପରେ ନିଆଁ କୁ ଆୟତ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ଆଳି ତହସିଲଦାର ପହଞ୍ଚି ଥିଲେ। କ୍ଷତିଗ୍ରସ୍ତ ଚାଷୀ ମାନେ ଫସଲ ଅମଳ କରି ଘରକୁ ନେବା ପୂର୍ବରୁ ନିଆଁରେ ଜଳି ଯାଇଥିବା ଫସଲକୁ ଦେଖି ଚେତା ହରାଇ ବସିବା ସହ କାନ୍ଦିକାନ୍ଦି ଭୂଇଁରେ ଗଡି ପଡୁଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମା' ଭଗବତୀ ମନ୍ଦିର ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଯାତ୍ରା



**ବିରିଡି, ୧୫।୨ (ସମିସ):** ବିରିଡି ବ୍ଲକ ହାଜିପୁର ପଞ୍ଚାୟତ ବେହେରା ସାହିର ଲୋକଙ୍କ ସହଯୋଗରେ ନିର୍ମାଣ କରାଯାଇଥିବା ମା' ଭଗବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୧୪ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯାଉଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶନିବାରଦିନ କଳସ ବୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ୧୦୮ ଜଣ ମହିଳା କଳସ ଯାତ୍ରାରେ ସାମିଲ ହୋଇ କଳସ କାଖେଇ ନିକଟସ୍ଥ ବିଲୁଆଖାଇ ନଦୀର ସଙ୍ଗମସ୍ଥଳ ଅର୍ଜୁନ ଘାଟରୁ ପୂଜାର୍ଚ୍ଚନା କରି ପାଣି ଉଠାଇଥିଲେ। ଯଜ୍ଞ ସ୍ଥଳରେ କଳସ ରଖାଯିବା ପରେ ମୁଖ୍ୟ ପଣ୍ଡିତ ପ୍ରକାଶ ଚନ୍ଦ୍ର ଦାଶ ଓ ସହଯୋଗୀ ବିଷ୍ଣୁ ମିଶ୍ର, ଦୀପ୍ତି କର, ଯଶୋବନ୍ତ ଦାଶ, ଶଶାଙ୍କ ଶେଖର ଦାଶ ଓ ଅଲେଖ ନାୟକ ପ୍ରମୁଖ ଅଗ୍ନି ସ୍ଥାପନ କରି ଯଜ୍ଞାହୁତି ଦେଇଥିଲେ। ଏଥିରେ କାଳନ୍ଦୀ ବେହେରା ଓ ତାଙ୍କ ଧର୍ମପତ୍ନୀ କାଞ୍ଚନ ବେହେରା କର୍ତ୍ତାଭାବେ ପୂଜାରେ ବସିଥିଲେ। ବେହେରା ସାହିର ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାଇ ବାହାଘରକୁ ବରଯାତ୍ରୀ ଯିବାବେଳେ ଦୁର୍ଘଟଣାରେ ଭାଇର ମୃତ୍ୟୁ

**ରାଜକନିକା,୧୫।୨(ସମିସ):** ଭାଇର ବାହାଘରକୁ ସାଙ୍ଗସାଥି ମେଳରେ ଯାଇ ସେଠାରେ ଏକ ଦୁର୍ଘଟଣାରେ ଭାଇ ମୃତ୍ୟୁବରଣ କରିବା ଭଳି ଖବର ଆଳି ଓ ରାଜକନିକାରେ ଶୋକର ଛାୟା ଖେଳାଇ ଦେଇଛି। ଘଟଣା ମୁତାବକ ରାଜକନିକା ଥାନା ଅନ୍ତର୍ଗତ ପାଣ୍ଡରକୋଲି ଗାଁର ନୃସିଂହ ନାୟକଙ୍କ ଝିଅ ସହ ଆଳି ଥାନା ଅନ୍ତର୍ଗତ ବଡ଼ଆଙ୍କୋ ଗାଁର ଗୋବର୍ଦ୍ଧନ ସାମଲଙ୍କ ପୁଅ ଗଦାଧର ସାମଲ(ରାଜା)ଙ୍କ ସହ ଗତକାଲି ବିବାହ ସମ୍ପନ୍ନ ହୋଇଛି। ଗତକାଲି ରାତିରେ ଏହି ବିବାହ ପାଇଁ ଆଳିର ବଡ଼ଆଙ୍କୋ ଗାଁରୁ ବର ବାହାରି ବରଯାତ୍ରୀ ନେଇ ରାଜକନିକା ପାଣ୍ଡରକୋଲି ଗାଁରେ ପହଞ୍ଚିବା ପୂର୍ବରୁ ନାଚଗୀତ ଚାଲିଥିବା ବେଳେ ବରର ଭାଇ ଥିବା ପ୍ରମୋଦ ସାମଲ(୨୯) ଏକ ବାଇକ୍‌ରେ ବରଯାତ୍ରୀଙ୍କ ଗହଣକୁ ଆସୁଥିଲେ। ମାତ୍ର ଘନ କୁହୁଡି ଯୋଗୁ ରାସ୍ତାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସେ ବାଇକ୍ ପିଟି ହୋଇଯାଇଥିଲା। ବାଇକ୍‌ରେ ଜୋରରେ ପିଟି ହେବାରୁ ଘଟଣା ସ୍ଥଳରେ ହିଁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ବରକୁ ନେଇ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ସହ ସମ୍ପର୍କୀୟ ମାନେ ଜଗନ୍ନାଥଙ୍କ ମୃତଦେହକୁ ଆଳି ଆଣି ବ୍ୟବଚ୍ଛେଦ ପରେ ଆଜି ଗାଁ ଶ୍ମଶାନରେ ସଂସ୍କାର କରାଇଛନ୍ତି।

# କମାଶାସନ ଚୋରି, ସୁରାକ୍ ପାଉନି ପୁଲିସ

**ବିରିଡି ,୧୫।୨ (ସମିସ):** ଗତ ମାସ ୧୮ ତାରିଖ ବିଳମ୍ବିତ ରାତିରେ ହାଜିପୁର ପଞ୍ଚାୟତ କମାଶାସନ ଗ୍ରାମର ବିଜୟ କୁମାର ସ୍ୱାଇଁଙ୍କ ଘର ପଛପଟେ ରଖାଯାଇଥିବା ନିଜର ୪ଟି ଧାନକଟା ଓ ଅମଳ (କୁବେଟା) ମେସିନରେ ଲାଗିଥିବା ମଟରକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ଶ୍ରୀ ସ୍ୱାଇଁ ଗତ ଜାନୁଆରୀ ୧୯ ତାରିଖରେ ବିରିଡି ଥାନାରେ ଅଭିଯୋଗ କରିଥିଲେ। ଏକାବେଳେ ୪ଟି ମେସିନର ମଟର ଚୋରି ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ଟଙ୍କା ହେବବୋଲି ଜଣା ପଡିଛି। ଅଭିଯୋଗପରେ ଉକ୍ତ ଚୋରି ଘଟଣାର ବିରିଡି ପୁଲିସ ଓ ସ୍ପେଶାଲ୍ ସ୍କ୍ୱାର୍ଡ ମିଳିତ ଭାବେ ତଦନ୍ତ କରିଥିଲେ। ମାତ୍ର ଚୋରି ହେବାର ୨୬ ଦିନ ବିତିଯାଇଥିଲେ ମଧ୍ୟ ବିରିଡି ପୁଲିସ କିମ୍ବା ସ୍ପେଶାଲ୍ ସ୍କ୍ୱାର୍ଡ ଚୋରର ସନ୍ଧାନ ପାଇପାରି ନାହିଁ କି ଚୋରୀ ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇ ପାରି ନଥିବା ଅଭିଯୋଗ ହୋଇଛି।

ଅଧକୋଟିର ପ୍ରକଳ୍ପ ବାରମ୍ବାର ଅଚଳ

# ୪ ଦିନ ହେଲା ୨୦୦୦ ଲୋକେ ପାଣିରୁ ବଞ୍ଚିତ



**ପଞ୍ଚୁପାଣ୍ଡବ,୧୫।୨(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ଗୋବରୀ ନଦୀ ବ୍ରିଜ ନିକଟରେ ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଚାରିଦିନ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ଏହି ପ୍ରକଳ୍ପ ୨୦୧୭ରେ ୪୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପଟି ବାରମ୍ବାର ଅଚଳ ହେବାରୁ ସଦାନନ୍ଦପୁର, ରାଏତୁଣ୍ଡି ଏବଂ ବଜାର ଗ୍ରାମର ଦୁଇ ହଜାରରୁ ଅଧିକ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ କଲବଲ ହେଉଥିବା ଗ୍ରାମର ସମାଜସେବୀ ଅନାଦି ଚରଣ ବେହୁରା କହିଛନ୍ତି। ନୂତନ ଭାବରେ ହୋଇଥିବା ସଦନାନନ୍ଦପୁର ହାଟ ପଡ଼ିଆ ଠାରେ ଓଭରହେଡ୍ ପାଣି ଟାଙ୍କି କାମ ଦୀର୍ଘଦିନ ହେଲା ଅବଧି ଶେଷ ହୋଇଥିଲା ବେଳେ ଏ ପର୍ଯ୍ୟନ୍ତ ଲୋକଙ୍କ କାମରେ ଲାଗୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସବୁ ଘରକୁ ଘର ପାଣି ପହଞ୍ଚିବ ବୋଲି ସରକାର କହୁଥିବା ବେଳେ ଏଠି ପ୍ରଶାସନ ଓ ଠିକାଦାର ମାନଙ୍କ ଅବହେଳା ଯୋଗୁଁ ଲୋକେ ପାଣି ସମସ୍ୟା ଭୋଗୁଛନ୍ତି। ଠିକାଦାର ଜଣଙ୍କ ଘରକୁ ଘର ପାଇପ ସଂଯୋଗ ନ କରି ଅଧୁରା କାମ କରି ଛାଡ଼ିଦେଇଥିବା ଅଞ୍ଚଳବାସୀ କହିଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ କଲେ ସୁଦ୍ଧା କାହାରି ଦୃଷ୍ଟି ଆଢୁଆଳରେ ପଡୁନାହିଁ। ଏବାବଦରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ମୋହନ ଚରଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଚାରିଦିନ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ଆଉ ଦିନେ ଦୁଇ ଦିନ ମଧ୍ୟରେ ଠିକ୍ ହୋଇଯିବ। ଯେତେ ଶୀଘ୍ର ପାଣିର ସମାଧାନ କରିବା ପାଇଁ ଗ୍ରାମର ଦୋଳଗୋବିନ୍ଦ ମହାରଣା, ଭଗବାନ ମଣ୍ଡଳ, ପ୍ରଦୀପ ନାୟକ ,ଶାନ୍ତିଲତା ପରିଡ଼ା, ସଞ୍ଜୟ ମଣ୍ଡଳ ଓ ଭାରତ ଚନ୍ଦ୍ର ମଣ୍ଡଳ ଦାବି କରିଛନ୍ତି।

# କାର୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବାଲିକୁଦା, ୧୫।୨(ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ଡେଙ୍ଗାପୋଲ ବଜାର ନିକଟରେ ଏକ କାର ଦୁର୍ଘଟଣାରେ ବାଇକ୍ ଚାଳକ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଅନନ୍ତପୁର ଫାଣ୍ଡି ଅନ୍ତର୍ଗତ ଦଶବାଟିଆ ଗ୍ରାମର ବଂଶୀଧର ଗୋଛାୟତଙ୍କ ପୁଅ ତୁଷାର ଗୋଛାୟତ ( ୩୧) ଅପରାହ୍ନ ପ୍ରାୟ ୧ ଟା ୩୦ ମିନଟ୍ ସମୟରେ ନିଜ ନବବିବାହିତ ପତ୍ନୀ ରୋଜା ଗୋଛାୟତଙ୍କୁ ଏକ କଳା ରଙ୍ଗର ହୋଣ୍ଡା ସାଇନ ଗାଡିରେ ନେଇ ନିଜ ଶଶୁର ଘର କନ୍ଦରପୁର ଥାନା ଅନ୍ତର୍ଗତ ନାନପୁର ତଡଲାପଦା ଯାଉଥିଲେ। ଏହି ସମୟରେ ଜାତୀୟ ରାଜପଥ ୫୫ ଡେଙ୍ଗାପୋଲ ନିକଟରେ କଟକ ଆଡୁ ଦ୍ରୁତଗତିରେ ବାଲିକୁଦା ଆସୁଥିବା ଏକ କଳା ରଙ୍ଗର ଟାଟା କମ୍ପାନୀ କାର୍ ସିଧାସଳଖ ତୁଷାରର ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଭାବେ ଆହତ ହୋଇଥିଲେ ତୁଷାର ଏବଂ ଗର୍ଭବତୀ ପତ୍ନୀ। ଦୁର୍ଘଟଣା ଘଟାଇଥିବା କାରର ବେଗ ଏତେ ଅଧିକ ଥିଲା ଯେ ଦୁର୍ଘଟଣା ଘଟିବା ପରେ କାରଟି ନିକଟରେ ଥିବା କେନାଲ ମଧ୍ୟରେ ଓଲଟି ପଡିଥିଲା। ସେଥିରେ ଥିବା ଗାଡି ମାଲିକ ନିଜେ ଗାଡି ଚଳାଉ ଥିବା ବେଳେ ସାଙ୍ଗରେ ପତ୍ନୀ ଓ ଗୋଟିଏ ଶିଶୁ ଥିଲେ। ଯାହାଙ୍କୁ ସ୍ଥାନୀୟ ଲୋକେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଚାଳକ ଜଣଙ୍କ ସ୍ଥାନୀୟ ବାଲିକୁଦା ଅଞ୍ଚଳର ହୋଇଥିବା କାରଣରୁ କିଛି ସମୟ ପରେ ନିଜ ଗାଡିକୁ ଉଠାଇ ସେଠାରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଏପଟେ ସ୍ଥାନୀୟ ଲୋକେ ତୁଷାର ଏବଂ ପତ୍ନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମେଡିକାଲ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ଜାଣି ଡାକ୍ତର ତୁରନ୍ତ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ। ତେବେ ଆମ୍ବୁଲାନ୍ସରେ ଯିବା ବାଟରେ କଟକ ବଡ଼ ମେଡିକାଲ ପୂର୍ବରୁ ତୁଷାରର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ପତ୍ନୀ ଚିକିତ୍ସା ଅବସ୍ଥାରେ ଥିବା ଜଣାପଡିଛି। କଟକ ମେଡିକାଲ ଡାକ୍ତର ମୃତ ଘୋଷଣା କରିବା ପରେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ତୁଷାର ପାରାଦ୍ୱୀପର ଏକ ତୈଳ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସେ ଗତ ୪ ମାସ ତଳେ ବିବାହ କରିଥିଲେ। ଛୁଟିରେ ଘରକୁ ଆସି ନିଜ ନବ ବିବାହିତା ଗର୍ଭବତୀ ପତ୍ନୀଙ୍କୁ ଧରି ଶଶୁର ଘରକୁ ବୁଲିବାକୁ ଯାଉଥିଲେ। ଏପରିକି ଶଶୁର ଘରେ ପତ୍ନୀଙ୍କୁ ଛାଡି ପାରାଦ୍ୱୀପ ଯିବା ପାଇଁ ଯୋଜନା କରିଥିବା ପରିବାର ଲୋକେ ସୂଚନା ଦେଇଥିଲେ।

# ଶ୍ରୀଅରବିନ୍ଦ ଶିକ୍ଷାଶ୍ରମ ରୌପ୍ୟ ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୧୫।୨(ସମିସ):** ପଟ୍ଟାମୁଣ୍ଡାଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାଶ୍ରମର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନଙ୍କ ପୌରହିତ୍ୟରେ କେନ୍ଦ୍ରାପଡ଼ା କଲେଜର ପ୍ରାକ୍ତନ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, କାଉନ୍‌ସିଲର ଗୋପୀବଲ୍ଲଭ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାଶ୍ରମର ପ୍ରତିଷ୍ଠାତା ଶିକ୍ଷାବିତ ଲକ୍ଷ୍ମୀଧର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶ୍ରୀ ପ୍ରଧାନ ସ୍ୱାଗତ ଭାଷଣ ଓ ନାଟ୍ୟକାର ଅଧ୍ୟାପକ ଗୋଲେକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାଶ୍ରମ ଅଧ୍ୟକ୍ଷ ରମେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଶିକ୍ଷାଶ୍ରମ ପରିଚାଳନା କମିଟି ସଭାପତି ସନ୍ତୋଷ ସାହୁ, ସମ୍ପାଦକ ବାବାଜୀ ସାହୁ, ପ୍ରାଧ୍ୟାପକ କ୍ୟାପଟେନ୍ ମନୋଜ ପରିଡା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ମିଟୁ ମନୋଜ ନାୟକ, ପାରେଶ୍ୱର ବିଶ୍ୱାଳ, ଚନ୍ଦନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ରାସ୍ତା ନିର୍ମାଣରେ ଚଞ୍ଚକତା

# ଆତ୍ମାହୁତି ଧମକଦେଲେ ଉତିକଣ ସଂଗ୍ରାମ ପରିଷଦ ସଭାପତି

ପଟ୍ଟାମୁଣ୍ଡାଇ,୧୫।୨(ସମିସ)

ରାସ୍ତା ନିର୍ମାଣରେ ଚଞ୍ଚକତା। ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ନିରୂପାୟ ହୋଇ ଅଭିନବ ଉପାୟରେ ପ୍ରତିବାଦ ଜଣାଇଲେ ପଟ୍ଟାମୁଣ୍ଡାଇ ଉତିକଣ ସଂଗ୍ରାମ ପରିଷଦ ସଭାପତି। ଏହି ଘଟଣାକୁ ନେଇ ପ୍ରଶାସନକୁ ନାକେ ଦାମ ହେବାକୁ ପଡିଛି।

**ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାର ହେଲା ସମାଧାନ**



ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମସ୍ୟାର ହୋଇଛି ସମାଧାନ। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ୧୬ ନମ୍ବର ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଶାସନରୁ ବନ୍ତପାଟଣା ପର୍ଯ୍ୟନ୍ତ ବାମପାଶ୍ୱର୍ କେନାଲ ବନ୍ଧ ରାସ୍ତାକୁ ନୂତନ ଭାବେ ପିଚୁ କାମ ଚାଲିଛି। ପ୍ରାୟ ୩ କୋଟିରୁ ବ୍ୟୟ ଅଟକଳରେ ଚାଲିଥିବା ଏହି ରାସ୍ତା କାର୍ଯ୍ୟରେ ସରକାରୀ ଭାଗ ମାପକୁ ସମ୍ପୂର୍ଣ୍ଣ ବେଖାତିର କରି ଠିକାଦାର ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ କରୁଥିବା ଅଭିଯୋଗ ସ୍ଥାନୀୟ ବାସିନ୍ଦା ଆଣିଛନ୍ତି। ପଟ୍ଟାମୁଣ୍ଡାଇ ଉତିକଣ ସଂଗ୍ରାମ ପରିଷଦ ସଭାପତି ପ୍ରଶାନ୍ତ ମହାନ୍ତି ଏଥି ନେଇ ସହନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଏହାର ପ୍ରତିବାଦରେ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି ମାଳିପୁର ବଜାରରେ ଥିବା ଜନସେବା କେନ୍ଦ୍ର ମଧ୍ୟରେ ଗତକାଲି ଠାରୁ ନିଜକୁ ଆବଦ୍ଧ କରି ରଖିବା ସହିତ ଆତ୍ମାହୁତି ଦେବାକୁ ଧମକ ଦେଇଥିଲେ। ଏହି ଘଟଣା ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଘଟଣା ସ୍ଥଳକୁ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଠାଇଥିଲେ। ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ କେନ୍ଦ୍ରାପଡ଼ା ଏସପିଙ୍କ ନିର୍ଦ୍ଦେଶରେ ଆଇଆଇସି ନରେଶ ସାହୁ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ପୁଲିସ ଫୋର୍ସ ସହିତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ପ୍ରକଳ୍ପ କାର୍ଯ୍ୟରେ ହୋଇଥିବା ଠକେଇ ଅଭିଯୋଗରେ ତଦନ୍ତ କରାଯିବା ଏବଂ ତଦନ୍ତ ଶେଷ ପର୍ଯ୍ୟନ୍ତ କାମ ବନ୍ଦ ରଖାଯିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିବା ତହସିଲଦାର ଜଳ ସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀଙ୍କୁ ଫୋନରେ କହିଥିଲେ। ଏହା ପରେ ଆବଦ୍ଧ କୋଠରି ମଧ୍ୟରୁ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତିଙ୍କୁ ପ୍ରଶାସନିକ ଅଧିକାରୀ ଉଦ୍ଧାର କରିଥିଲେ। ଏହା ପରେ ତହସିଲଦାର, ଥାନା ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ୧୮ ନଂ ଜୋନ ବିଜେପି ମଣ୍ଡଳ ସଭାପତି ଗୋପୀନାଥ ପଣ୍ଡା, ୧୬ ନଂ ଜୋନ ସଭାପତି ନୀଳକଣ୍ଠ ମିଶ୍ର ୩୦ ନଂ ଜୋନ ପୂର୍ବତନ ସଭାପତି ପ୍ରମୋଦ ଦାସ, ପୂର୍ବତନ ପଟ୍ଟାମୁଣ୍ଡାଇ ନଗର ସଭାପତି ପଦ୍ମନାଭ ପଣ୍ଡା, ସରପଞ୍ଚ ପ୍ରିୟବ୍ରତ ଓଝା, ଶଶୀକାନ୍ତ ସ୍ୱାଇଁ, ଆଶିଷ ମଳିକ, ତୀର୍ଥ ପରିଡା, ରାମାକାନ୍ତ ଦାଶ, ନାରୀନେତ୍ରୀ ପ୍ରିୟଙ୍କା ଶତପଥି, ଦଳିତ ନେତା ସର୍ବେଶ୍ୱର ସେଠୀ, ପ୍ରଶାନ୍ତ ସାହୁ, ରଶ୍ମିକାନ୍ତ କୁଣ୍ଡ, ଦୀପକ ପଣ୍ଡା, ଗଣେଶ ସେନାପତି ଓ ବିଚିତ୍ର ସେନାପତି ପ୍ରମୁଖ ପହଞ୍ଚିଥିଲେ।

# ରାସ୍ତାକୁ ତାଡ଼ିଦେଲେ; ଘରୁ ବାହାରି ପାରୁନାହନ୍ତି ଡାକ୍ତରଙ୍କ ପରିବାର



**ପଟ୍ଟାମୁଣ୍ଡାଇ,୧୫।୨(ସମିସ):** ସମ୍ପ୍ରତି ମେଗା ପାନୀୟଜଳ ପ୍ରକଳ୍ପ ଆଳରେ ଠିକାଦାର ରାସ୍ତାକୁ ତାଡି ପକାଇଲେ। ଫଳରେ ୫ ଦିନ ଧରି ନିଜ ଘରୁ ରାସ୍ତାକୁ ବାହାରି ପାରୁନାହାନ୍ତି ଡାକ୍ତରଙ୍କ ପରିବାର। ଖାଲି ସେତିକି ନୁହେଁ ରୋଗୀ ସେବା ପାଇଁ ନିଜ କ୍ଲିନିକକୁ ମଧ୍ୟ ସମ୍ପୃକ୍ତ ଡାକ୍ତର ଜଣକ ଯାଇପାରୁନଥିବା ଅଭିଯୋଗ ହୋଇଛି। ପୁନଶ୍ଚ ପୌରପରିଷଦ ପାନୀୟଜଳ ପ୍ରକଳ୍ପ ପାଇପ ଲାଇନରୁ ଡାକ୍ତରଙ୍କ ଘରକୁ ସଂଯୋଗ ପାନୀୟଜଳ ଯୋଗାଣ ପାଇପଟିକୁ ଠିକାଦାର ତାଡି ଭାଙ୍ଗି ପକାଇଥିବାରୁ ୫ ଦିନ ହେବ ଡାକ୍ତରଙ୍କ ପରିବାରକୁ ପାନୀୟ ଜଳ ଯୋଗାଣ ଠପ ହୋଇଯାଇଛି। କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା ଏସ୍‌ଡିପିଓ ଅଫିସ ନିକଟ ରାସ୍ତା ପାଶ୍ୱର୍ରେ ନିଜସ୍ୱ ସ୍ଥିତିବାନ ଜାଗାରେ ୨୩ ବର୍ଷ ଧରି ଘର ନିର୍ମାଣ କରି ରହିଆସୁଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ଡାକ୍ତର ତଥା ବରିଷ୍ଠ ସାହିତ୍ୟିକ ଡା.ମନୋରଞ୍ଜନ ଦାଶ ଏ ନେଇ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଜଣାପଡ଼ିଛି।

● ମାଛଗାଁ ଧାନମଣ୍ଡିରେ ଅନିୟମିତତା

# ଦୁଇ ଅଧିକାରୀ ନିଲମ୍ବିତ, ମିଲରକୁ କାରଣଦର୍ଶାଅ ନୋଟିସ୍

ଜଗତସିଂହପୁର/ବାଲିକୁଦା,୧୫।୨:(ସମିସ): ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ମାଛଗାଁ ଧାନମଣ୍ଡିରେ ଧାନକ୍ରୟ ପ୍ରକ୍ରୀୟାରେ ଅନିୟମିତତା ତଥା କ୍ୟୁଣ୍ଟାଲ୍ ପିଛା ୪ କିଲୋ ଧାନ କାଟ ନେଇ ପ୍ରମାଣ ମିଳିବା ପରେ ଜିଲ୍ଲାପାଳ ଜେ.ସେନାଲ ଉକ୍ତ ମଣ୍ଡିର ନୋଡାଲ ଅଫିସର ମୋହନ କୁମାର ଜେନା ଏବଂ ଧାନକ୍ରୟ ଦାୟିତ୍ୱରେ ଥିବା ଆମ୍ବଶାଳ ସମବାୟ ସମିତିର ସମ୍ପାଦକ ଶିଶିର କୁମାର ପଣ୍ଡାଙ୍କୁ ନିଲମ୍ବନ କରାଯାଇଛି। ଖାଲଗାଁ ଓ ଓଷକଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ମୋହନ ଜେନା କ୍ୟାସ୍ ଓ ସମସ୍ତ ରେକର୍ଡ ମୁଲୁଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଖାନସିରାଣୀ ମିଶ୍ରଙ୍କୁ ତୁରନ୍ତ ହସ୍ତାନ୍ତର କରି ବାଲିକୁଦା ବିଡିଓଙ୍କୁ ରିପୋର୍ଟ କରିବାକୁ ଏହି ନିଲମ୍ବନ ଆଦେଶରେ ନିର୍ଦ୍ଦେଶ ଦିଆଯାଇଛି। ଖାନସିରାଣୀ ମଧ୍ୟ ମାଛଗାଁ ମଣ୍ଡିର ନୋଡାଲ ଅଫିସର ଭାବେ ଦାୟିତ୍ୱ ତୁଲାଇବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିଲମ୍ବିତ ଶିଶିର କୁମାର ପଣ୍ଡା ମାଛଗାଁ ମଣ୍ଡିର ସମସ୍ତ ଯନ୍ତ୍ରପାତୀ ଓ ରେକର୍ଡ ସଂଗ୍ରାମପୁର ସମବାୟ ସମିତି ସଂପାଦକ ବିଚିତାନନ୍ଦ ନାୟକଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଆମ୍ବଶାଳ ସମବାୟ ସମିତିର ସଂପାଦକ ଦାୟିତ୍ୱ କାଳିଓ ସମବାୟ ସମିତି ସଂପାଦକ ସହଦେବ ଭୋଇଙ୍କୁ ଦିଆଯାଇଥିବାରୁ ତାଙ୍କୁ ସମସ୍ତ ରେକର୍ଡପତ୍ର ହସ୍ତାନ୍ତର କରିବାକୁ ଉକ୍ତ ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି। ସେହିପରି ମାଛଗାଁ ମଣ୍ଡିରେ ଧାନକ୍ରୟ ପାଇଁ ପ୍ରଶାସନ ସହିତ ଚୁକ୍ତିନାମା କରିଥିବା ସୋନ୍ଥଲିଆ ରାଇସ୍ ମିଲର ପାର୍ଟନର ସୌରଭ ଅଗ୍ରୱାଲଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଏଆରସିଏସ୍ ପ୍ରଭାତ ଚନ୍ଦ୍ର ଶତପଥି ସୂଚନା ଦେଇଛନ୍ତି।




## ଅଠରବାଙ୍କୀ ଅଞ୍ଚଳରେ ଟନ୍ ଟନ୍ ଚୋରା କୋଇଲା

**ଟ୍ରେନ୍ ୱାଗନରୁ ଲୁଟ୍ କରି ଚାଲିଥିଲା ବିକ୍ରି**

ପାରାଦୀପ,୧୫।୨(ସମିସ): ପାରାଦୀପରେ ଲମ୍ବିଛି ଚୋରା କୋଇଲା ବ୍ୟବସାୟର ଚେର। ପାରାଦୀପ ବନ୍ଦରରୁ ଟ୍ରେନ୍ ଯୋଗେ ବିଭିନ୍ନ କମ୍ପାନୀକୁ ଯାଉଥିବା ମୁଲ୍ୟବାନ କୋଇଲାକୁ କିଛି ଦୁର୍ବୃତ୍ତ ଅଧା ବାଟରେ କାଢି ବିକ୍ରି କରୁଥିବା ଜଣାପଡ଼ିଛି। ଗତ ୨ ଦିନ ରାତ୍ରିରେ ପାରାଦୀପ ସିଜୁ ରେଲୱେ ଷ୍ଟେସନ ନିକଟରେ କିଛି ବ୍ୟକ୍ତି କୋଇଲା କାଢି ଥିବା ଖବର ପାଇବା ପରେ ରେଲୱେ ସୁରକ୍ଷା ବଳ ସେଠାରେ ପହଞ୍ଚି ପାଖାପାଖି ୫ ଟନ୍‌ର କୋଇଲା ଉଦ୍ଧାର କରିଥିବା ବେଳେ ଗୋଟିଏ ବାଇକ୍ ଜବତ କରିଥିଲେ। ଘଟଣାର ତଦନ୍ତ ରେଲୱେ କ୍ରାଇମବ୍ରାଞ୍ଚ ନିଜ ହାତକୁ ନେଇ ପାରାଦୀପରେ ଚଢ଼ଉ କରିଥିଲା। କୋଇଲା ଚୋରି ରାକେଟ୍‌ର ଜଣଙ୍କୁ ଗିରଫ କରିବା ପରେ ବିଳମ୍ବିତ ରାତିରେ ପାରାଦୀପର ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତି ମାନେ ଫେରାର ହୋଇଯାଇଥିବା ବେଳେ ଦୋଛକି ନିକଟ ଏକ ପାଲ ଘେରା ଘରୁ ୩୦ ଟନ୍ ଚୋରା କୋଇଲା ଓ ତେଲ ଜବତ କରିଥିଲା କ୍ରାଇମବ୍ରାଞ୍ଚ। ପୁଣି ଗତକାଲି ପାରାଦୀପ ଆଡିସିନାଲ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଅଠରବାଙ୍କୀ ଅଞ୍ଚଳରେ ଚଢ଼ଉ କରି ଚୋରା କୋଇଲାର ସୁରାକ ପାଇଛନ୍ତି। ଘଟଣାରେ ପୁଲିସ ସହାୟତାରେ କ୍ରାଇମବ୍ରାଞ୍ଚ ଟିମ୍ ପାରାଦୀପ ଅଠରବାଙ୍କି ନିକଟ କଲୋନୀରୁ ବିପୁଳ ପରିମାଣର ଚୋରା କୋଇଲା ଜବତ କରିଛି। ଏହି ମୂଲ୍ୟବାନ କୋଇଲା ଗୁଡିକୁ ଚୋରି କରାଯାଇ କଲୋନୀର ବିଭିନ୍ନ ସ୍ଥାନରେ ରଖାଯାଇ ପରେ ଟ୍ରକ୍ ଯୋଗେ ବାହାର ଜିଲ୍ଲାରେ ବିକ୍ରି କରାଯାଏ। କୋଇଲା ସହିତ କ୍ରୋମାଇଟିର ମଧ୍ୟ କ୍ରାଇମ ବ୍ରାଞ୍ଚ ଟିମ ସନ୍ଧାନ ପାଇଛି। ଜବତ କୋଇଲା ପାଖାପାଖି ୨୫ ଟନ ହେବ। ଜବତ କୋଇଲାକୁ ବନ୍ଦର ସିଆଇଏସ୍‌ଏଫ ଓ କ୍ରାଇମବ୍ରାଞ୍ଚ ଉପସ୍ଥିତିରେ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ଏହାର ମୂଲ୍ୟ ଆକଳନ କରାଯିବ ବୋଲି ସୂଚନା ମିଳିଛି।

## ନାହିଁ ନାହିଁରେ ଚାଲିଛି ପିତେଇପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**ରୋଗୀସେବା ବ୍ୟାହତ**

ଜଗତସିଂହପୁର,୧୫।୨(ସମିସ): ଜଗତସିଂହପୁର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ପିତେଇପୁର ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆବଶ୍ୟକ କର୍ମଚାରୀ ନଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ଗତ ୨୦୦୩ ମସିହା ଜାନୁୟାରୀ ୧୫ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ଇତି ମଧ୍ୟରେ ୨୨ ବର୍ଷ ବିତିଯାଇଥିଲେ ମଧ୍ୟ ଏଠି ସ୍ୱାସ୍ଥ୍ୟସେବାରେ ସେପରି କିଛି ଉନ୍ନତି ହୋଇ ପାରିନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଡାକ୍ତର ପଦବୀ ରହିଥିବା ବେଳେ ବର୍ତ୍ତମାନ ଏଠାରେ ଡ. ପି.କେ.ମହାନ୍ତି ନିଯୁକ୍ତ ହୋଇ ରୋଗୀ ସେବା କରୁଛନ୍ତି। ସେହିପରି ଆଉ ଜଣେ ଆୟୁଷ ଡାକ୍ତର ଅନସୂୟା ସ୍ୱାଇଁଙ୍କୁ ମଧ୍ୟ ଏଠାରେ ନିଯୁକ୍ତି ମିଳିଛି। ତେବେ ଏଠାରେ ନିଯୁକ୍ତ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ସନ୍ଧ୍ୟାରାଣୀ ସେଠୀ ୨୦୨୪ ମେ ମାସରୁ ଅବସର ନେଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ମିଳିନାହିଁ। ସେହିପରି ଏଠାରେ ନିଯୁକ୍ତି ପାଇଥିବା ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରଶ୍ମୀ ରଞ୍ଜନ ମହାପାତ୍ର ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଅନ୍ୟତ୍ର ବଦଳି ହୋଇଥିବା ବେଳେ ସେ ପଦବୀ ମଧ୍ୟ ଖାଲି ପଡ଼ିଛି। ଫଳରେ ରୋଗୀସେବା ସଠିକ୍ ଢଙ୍ଗରେ ହୋଇପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଖପାଖ ଅଞ୍ଚଳର ପ୍ରାୟ ୨୫ ହଜାର ଲୋକ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ପ୍ରତିଦିନ ୬୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଥିବା ଡାଃ ପି.କେ.ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରେଟେରୀ ପାଇଁ ସ୍ୱତନ୍ତ୍ର ଗୃହ ନଥିବା ବେଳେ ଟ୍ରେନିଂ ଗୃହର ସିଲିଂ ନଷ୍ଟ ହୋଇଗଲାଣି। ବର୍ଷାଦିନେ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ପାଣି ଗଳୁଥିବା ବେଳେ ପାଚେରୀ ମଧ୍ୟ ଭାଙ୍ଗିଗଲାଣି। ବାରମ୍ବାର ଏହିସବୁ ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି, ଏଠାରେ ନିଯୁକ୍ତ ଡାକ୍ତର ଏବଂ କର୍ମଚାରୀ। ତେଣୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ଉନ୍ନତିକରଣ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି କରିବାକୁ ପିତେଇପୁର ପଞ୍ଚାୟତର ସମିତିସଭ୍ୟ ହିମାଂଶୁ ପରିଡାଙ୍କ ସମେତ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ମଣ୍ଡଳସ୍ତରୀୟ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ



ବିରିଡି,୧୫।୨ (ସମିସ): ଶନିବାର ଦିନ ବିରିଡ଼ି ମଣ୍ଡଳସ୍ତରୀୟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ତଥା ଆଲୋଚନାଚକ୍ର ୨୨ମୌଜା ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବାଇପଦା ବାସନ୍ଦରାଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରିଣୀ ସୌଦାମିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ର କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପରିଡା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟତଃ ପିଲାମାନଙ୍କ ଏକକ ପରିଚୟ, ୟୁଡାଇସ୍ ପ୍ଲସ ଡାଟା, ଉତ୍କର୍ଷ ଅନ୍ତିମ ଆକଳନ, ୨୦୨୫ ମେଟ୍ରିକ ପରୀକ୍ଷା, ପଞ୍ଚସଖା ଶିକ୍ଷାସେତୁ ସଂଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ବ୍ଲକର ୨୪ଟି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟତ୍ରୀ ମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସନ୍ତୋଷ କୁମାର ବେହେରା, ରାଜସ୍ମିତା ଦାଶ, ସତ୍ୟରଞ୍ଜନ ଚୌଧୁରୀ, ପିୟୁଷ ରଞ୍ଜନ ଜେନା, ଜ୍ୟୋତ୍ସ୍ନାରାଣୀ ବାରିକ, ମଧୁସ୍ମିତା

### ସିୱଜ କମ୍ପାନୀ କର୍ମଚାରୀଙ୍କ ଧାରଣା ଅବ୍ୟାହତ

# ୪ ଦିନ ହେଲା କାର୍ଯ୍ୟାଳୟରେ ତାଲା

ପାରାଦୀପ, ୧୫।୨ (ସମିସ) :



ବନ୍ଦର ସହର ପାରାଦୀପରେ ଥିବା ସିୱଜ୍ ସିପିଙ୍ଗ୍ ଆଣ୍ଡ ଲୋଜିଷ୍ଟିକ ଲିମିଟେଡେ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଧାରଣା ୪ର୍ଥ ଦିନରେ ପହଞ୍ଚିଛି। ହେଲେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ କେହି ବି ଭୋକଉପାସରେ ଧାରଣାରେ ବସିଥିବା କର୍ମଚାରୀଙ୍କ ନିକଟକୁ ଆସି ନାହାଁନ୍ତି। ଏନେଇ କର୍ମଚାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ପ୍ରଥମ ଦିନରେ ଧାରଣାକାରୀ କାର୍ଯ୍ୟାଳୟକୁ ତାଲା ପକାଇ କୌଣସି କର୍ମଚାରୀଙ୍କୁ ଅଫିସ ମଧ୍ୟକୁ ଛାଡ଼ି ନଥିଲେ। କାରଣ ଏହି ସିୱଜ୍ କମ୍ପାନୀ କର୍ମଚାରୀ ମାନଙ୍କର ୬ ମାସର ବକେୟା ଦରମା, ଗ୍ରାଚ୍ୟୁଇଟି ରାଶି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଘରଭଡ଼ା, ମୋବାଇଲ୍, ଆଲାଉନ୍ସ ପ୍ରଦାନ ନକରି ବିନା ଅବଗତିରେ ଚାକିରିରୁ ଛଟେଇ କରିଛନ୍ତି। ତେବେ ଏହି ପ୍ରତିବାଦରେ ୩୦ରୁ ଅଧିକ ଠିକା କର୍ମଚାରୀ ଓ ୮ ଜଣ ସ୍ଥାୟୀ କର୍ମଚାରୀ ସାମିଲ ଅଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ ନକଲେ ଧାରଣା ଜାରି ରହିବ ଓ ଦରକାର ପଡିଲେ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି କମ୍ପାନୀର କର୍ମଚାରୀ ମାନେ ପ୍ରକାଶ କରିଛନ୍ତି।

■ ମାର୍ଚ୍ଚ ୫ରୁ ଝଙ୍କଡ଼ ଶାରଳା ପୀଠରେ ଜଗନ୍ନାଥ ପଞ୍ଚରାତ୍ର

# ଉଦ୍‌ଘାଟନ କରିବେ ଠାକୁରରାଜା ଦିବ୍ୟସିଂହ ଦେବ



ତିର୍ତ୍ତୋଲ, ୧୫।୨(ସମିସ): ପ୍ରସିଦ୍ଧ ଝଙ୍କଡ଼ ସାରଳା ପୀଠରେ ଦ୍ୱାଦଶ ବାର୍ଷିକ ଜଗନ୍ନାଥ ପଞ୍ଚରାତ୍ର ପାଳନ ଉପଲକ୍ଷେ ଆସନ୍ତା ମାର୍ଚ୍ଚ ୫ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ, ସାରସ୍ୱତ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ଗଜପତି ମହାରାଜ ଦିବ୍ୟସିହ ଦେବ। ତାଙ୍କର ସ୍ୱାଗତ ପାଇଁ ଆଜି ପୂର୍ବାହ୍ନରେ ଶାରଳା ମନ୍ଦିର ବେଢ଼ା ସଭାଗୃହରେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଓ ମହୋତ୍ସବ କମିଟିର ଅଧ୍ୟକ୍ଷ ଇଂ ବିଷ୍ଣୁ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସତ୍ୟାନନ୍ଦ ଦାସ ମହାରାଜ କହିଲେଯେ, ଶ୍ରୀ ଜଗନ୍ନାଥଙ୍କ କଥା ଓ ଗାଥାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଜପତି ମହାରାଜାଙ୍କ ଯୋଗଦାନକୁ ଝଙ୍କଡ଼ ମାଟିରୁ ବିପୁଳ ସ୍ୱାଗତ କରିବା ସହିତ ଏହି ଉପଲକ୍ଷେ, ବିଶ୍ୱଶାନ୍ତି ମହାଯଜ୍ଞ, ଜଗନ୍ନାଥଙ୍କ ୨୪ ବେଶ ଓ ଛପନ ଭୋଗ ମଣ୍ଡପ ପ୍ରଦର୍ଶନ କରାଯିବ। ଏହି କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରିବା ପାଇଁ ଆମ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କର ସହଯୋଗ କାମନା କରିବା ସହ ସରସ ସୁନ୍ଦର ଓ ସଫଳ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି। ସମ୍ପାଦକ କ୍ଷୀରୋଦ ରାଉଳ, କୋଷାଧ୍ୟକ୍ଷ ବିଶ୍ୱରଂଜନ ରାଉଳ, ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା, ପରିଛା ପଣ୍ଡିତ ସୁଦାମ ଚରଣ ପଣ୍ଡା, ମହୋତ୍ସବ କମିଟି କାର୍ଯ୍ୟକାରିଣୀ ସଭ୍ୟା ସ୍ନେହମୟୀ ଆଚାର୍ଯ୍ୟ, ଜ୍ୟୋତିର୍ବିଦ ଡ଼ ଅରୁଣ କୁମାର ପାଣି, ପଣ୍ଡିତ ଅଭୟ ଦାଶ, ବିଳାସ ଚନ୍ଦ୍ର ବେହେରା, ନୃସିଂହ ଚରଣ ରାଉଳ, ପତିତ ପାବନ ରାଉଳ, ହରେକୃଷ୍ଣ ରାଉଳ, ରମେଶ ଚନ୍ଦ୍ର ରାଉଳ, ହରେକୃଷ୍ଣ ନାୟକ, ଶୁଭକାନ୍ତ ରଣା, ସର୍ବେଶ୍ୱର ଭଟ୍ଟ, ରୁପକ୍ ଖୁଣ୍ଟିଆ, ରଶ୍ମୀ ରଞ୍ଜନ କୁଅଁର, ପ୍ରୀତମ ମହନ୍ତି, ପଣ୍ଡିତ ରଘୁନାଥ ପଣ୍ଡା, ପ୍ରମୋଦ କୁମାର ପୂଜାପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ସୁଦାମ ଚରଣ ରାଉଳ, ବସନ୍ତ ସାହୁ, ଦେବୀପ୍ରସାଦ ରାଉଳ, ଦେବୀପ୍ରସନ୍ନ ତ୍ରିପାଠୀ, ଦୁର୍ଗାଚରଣ ରାଉଳ ଓ ବିଜୟ ରାଉଳ ପ୍ରମୁଖ ଏହି ପ୍ରସ୍ତୁତି ବୈଠକରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଆଇନଜୀବୀ ଡ.ବୀରନାରାୟଣ ପାତ୍ର ଓ ଅମରଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବତିମୀରା ଶିଶୁ ବିଦ୍ୟାମନ୍ଦିରରେ ମାଗଣା ସ୍ୱାସ୍ଥ୍ୟ ଶିବିର



ବିରିଡି, ୧୫।୨ (ସମିସ): ବିରିଡି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବତିମୀରା ପରିସରରେ ଶନିବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ବିକ୍ରମ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଭୁବନେଶ୍ୱର କେୟାର ହସ୍ପିଟାଲ ତରଫରୁ ଭେଷଜ, ହୃଦ୍‌ରୋଗ ଛାତି ଏବଂ ଶ୍ୱାସ ଇତ୍ୟାଦି ବିଭାଗର ୧୫ଜଣ ଅଭିଜ୍ଞ ଚିକିତ୍ସକ ତଥା ଜ୍ୟୋତିର୍ମୟୀ ସାହୁ, ଅବିନାଶ ପଣ୍ଡା, ସଂଜୀବ ମଲ୍ଲିକ ଓ ମ୍ୟାନେଜର କୃତିସୁନ୍ଦର ହୋତା ଓ ସହଯୋଗୀ ମାନେ ପହଞ୍ଚି ଅଞ୍ଚଳର ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଆଜିର ଏହି ଶିବିରରେ ୧୦୫ଜଣ ରୋଗୀଙ୍କ ମାଗଣା ଚିକିତ୍ସା, ମାଗଣା ପରୀକ୍ଷା କରାଯିବା ସହିତ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିର ପରିଚାଳନାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଓ ପରିଚାଳନା କମିଟିର ସଭ୍ୟମାନେ ସହାୟତା କରିଥିଲେ।

## ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ

● ଯୁବକ ଗିରଫ

ନାଉଗାଁ,୧୫।୨(ସମିସ): ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ଜଣେ ୧୦ ବର୍ଷର ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁସାରେ ନାବାଳିକା ଜଣଙ୍କ ଶୁକ୍ରବାର ସ୍ଥାନୀୟ କଣ୍ଟୁଣିଆ ବଜାରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଯାଇଥିଲା। ସେଠାରେ ଖେଳଛୁଟି ସମୟରେ ସେ ତଳକୁ ଆସିଥିବା ବେଳେ ସେହି ବଜାରରେ ଦୋକାନ କରିଥିବା ଏକରୁଖା ଗ୍ରାମର ରଞ୍ଜନ ପୃଷ୍ଟିଙ୍କ ପୁଅ ନରୋତ୍ତମ ପୃଷ୍ଟି ରାନୁକୁ ଚକ୍‌ଲେଟ୍ ଓ କୁରକୁରେ ଦେବା ସହିତ ସେ ତା ବାପାଙ୍କ ସାଙ୍ଗ ବୋଲି କହି ତାକୁ ଡାକିନେଇ ତା ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲା। ଫଳରେ ଛାତ୍ର ଜଣଙ୍କ କାନ୍ଦିବାରୁ ତା' ସହିତ ଥିବା ତାର ଅନ୍ୟ ସାଥୀମାନେ ଯାଇ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା' ମାନଙ୍କୁ ଡାକିଥିଲେ। ନାଉଗାଁ ପୁଲିସ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ମହାଲକ୍ଷ୍ମୀ ଡ୍ରାମାଟିକ୍ ସୋସାଇଟ୍‌ର ଡ୍ରାମା ମହୋତ୍ସବ

ବାଲିକୁଦା,୧୫।୨(ସମିସ): ବାଲିକୁଦା ବ୍ଲକ୍ ତିତିରା ଗ୍ରାମର ସର୍ବପୁରାତନ ତଥା ଦୀର୍ଘ ୪୯ ବର୍ଷ ଧରି ସାଂସ୍କୃତିକ ଜାଗରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତିତିରା ମହାଲକ୍ଷ୍ମୀ ଡ୍ରାମାଟିକ୍ ସୋସାଇଟ୍‌ର ଦୁଇଦିନିଆ ଡ୍ରାମା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁର ପ୍ରଖ୍ୟାତ ଶିକ୍ଷାବିତ୍ ତଥା ସ୍ତମ୍ଭକାର ସୁବାସ ରାଉତ ଅତିଥି ଭାବେ ଯୋଗଦେଇ ଏହି ଡ୍ରାମା ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ଡ୍ରାମା, ଅପେରା ଓ ନାଟକ ପରିବେଷଣ ଦ୍ୱାରା ଭାଇଚାରା ଓ ସାମାଜିକ ଐତିହକତା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଏଥିରେ ଆଇନଜୀବୀ ଡ. ବୀର ନାରାୟଣ ପାତ୍ର ଅଧ୍ୟକ୍ଷତା କରିବା ସହ ଗ୍ରାମାଞ୍ଚଳରେ ଥିବା ଅନେକ କଳାକାର ଓ ଲୁପ୍ତ ପ୍ରତିଭାଙ୍କୁ ଜାଣି ସେମାନଙ୍କର ପ୍ରତିଭାର ବିକାଶ ହେବାର ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ଜଟାଧାରୀ ବେହେରା, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ରାଉତ, ନାଟ୍ୟ ନିର୍ଦ୍ଦେଶକ ତ୍ରିଲୋଚନ ସାହୁ, କେଶବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଉତ୍ସବରେ ନାଟ୍ୟକାର ନବୀନ ମହାପାତ୍ରଙ୍କ ଲିଖିତ "ଏଠି ତୋର ଦୋଷ ନା ମୋର ଦୋଷ' ଓ "ଭାଇ ଭଉଣୀର ନୂଆ କାହାଣୀ' ନାଟକ ହଜାର ହାଜର ଲୋକଙ୍କ ମନକୁ ଜିଣି ପାରିଥିଲା। ନିର୍ଦ୍ଦେଶକ ତ୍ରିଲୋଚନ ସାହୁ ଏହି ଦୁଇ ଦିନ ବ୍ୟାପୀ ନାଟକକୁ ନିର୍ଦ୍ଦେଶନା ଦେଇଥିଲେ। ଉତ୍ସବରେ ସୁନାମଧନ୍ୟ ଶିଶୁ କଳାକାର ପଲକ୍ ଚୌଧୁରୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଥିଲେ। ଏହି ଡ୍ରାମା ମହୋତ୍ସବକୁ ପ୍ରସନ୍ନ କୁମାର ଦାଶ, ଜ୍ୟୋତିରଞ୍ଜନ ସ୍ୱାଇଁ, ଶିବ ପ୍ରସାଦ ଦାଶ, ଦିବ୍ୟଦର୍ଶନ ଦାଶ, ଜ୍ଞାନରଞ୍ଜନ ପରିଡ଼ା, ରାକେଶ ମାଣିଆ, ସୁବ୍ରତ ସ୍ୱାଗତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ତିତିରା ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ତାରପୁର ବାଇପାସ୍ ଠାରୁ ପୁରୁଣା ବଜାର

# ଜବରଦଖଲକାରୀଙ୍କ କବ୍‌ଜାରେ ବହୁମୂଲ୍ୟ ସରକାରୀ ଜମି

ରଘୁନାଥପୁର,୧୫।୨(ସମିସ):



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲରୁ ମୁକ୍ତ କରାଯାଉଛି। ହେଲେ ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥ ସଂଲଗ୍ନ ତାରପୁର ବାଇପାସ ଠାରୁ ପୁରୁଣା ବଜାର ପର୍ଯ୍ୟନ୍ତ ବହୁମୂଲ୍ୟ ୪ ଏକର ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବଜାରେ। ଫଳରେ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜନହିତକର ଯୋଜନା ବାଧାପ୍ରାପ୍ତ ହୋଇଛି। କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ସହ ଗୋଦାମ ଗୃହ ଓ ସରକାରଙ୍କ ମେଗା ପ୍ରକଳ୍ପ ହରଘର ଜଲ୍ ଯୋଜନାର ପାନୀୟ ଜଳ ପାଇଁ ଓଭରହେଡ ଟାଙ୍କି ସହ ପମ୍ପ ହାଉସ ନିର୍ମାଣ ପାଇଁ ଜାଗା ମିଳୁନି। ସେହିପରି ଦୀର୍ଘଦିନ ତଳୁ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପାଇଁ ଆବଶ୍ୟକ ଅଧିକ ଗୃହ ଓ ମାର୍କେଟ କମ୍ପ୍ଲେକ୍ସ ଶୌଚାଳୟ ନିର୍ମାଣ ପାଇଁ ଜମିର ଅଭାବ ରହିଛି। ଏହାଛଡ଼ା ତାରପୁର ଅଙ୍ଗନବାଡ଼ି(ଖ) କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ଉଦ୍ୟାନ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନି। ଦୁଇ ଆଦିବାସୀ ପରିବାରଙ୍କୁ ଅନ୍ୟତ୍ର ଘରଡିହ ଯୋଗାଇ ଦିଆଯାଇଥିବାବେଳେ ସେମାନେ ସେଠାକୁ ନଯାଇ ପୂର୍ବରୁ ଅସ୍ଥାୟୀ ଭାବେ ରହୁଥିବା ରାସ୍ତା ପାଶ୍ୱର୍ ସରକାରୀ ଜମିରେ ଘରକରି ରହିଛନ୍ତି। ଏହାଛଡା ଅନେକ ବ୍ୟକ୍ତି ନିଜ ଘର ସମ୍ମୁଖ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲରେ ରଖିଥିବା ଏବଂ କେତେକ ବ୍ୟକ୍ତି ବାହାରୁ ଆସି ଝୁମ୍ପୁଡି କରି ଚଳୁଥିବା ଘରକୁ ପକ୍କା ଗୃହ କରି ସାରିଲେଣି। ଏଥିସହ ବାଇପାସରେ ଥିବା ସରକାରୀ ଜମିକୁ କେତେକ ବ୍ୟବସାୟୀ ଜବରଦଖଲରେ ରଖିଥିବା ଯୋଗୁଁ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିବା ସହ ବର୍ଷାଦିନେ ଏହି ଡ୍ରେନରେ ଜଳ ନିଷ୍କାସନ ହୋଇନପାରି ସ୍ଥାନୀୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଜଳ ପ୍ଲାବିତ ହେଉଛି। ଦୀର୍ଘଦିନ ଧରି ସରକାରୀ ଜମିକୁ ଜବରଦଖଲରେ ରଖାଯିବା ଓ ଜଳ ନିଷ୍କାସନ ଭଳି ସମସ୍ୟା ଲାଗି ରହିଥିବାବେଳେ ଏ ସମ୍ପର୍କରେ ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ସ୍ଥାନ ନିରୂପଣ ବିଳମ୍ବ ଯୋଗୁଁ ବିଭିନ୍ନ ଯୋଜନାରେ ଗୃହ ନିର୍ମାଣ ପାଇଁ ଆସିଥିବା ଆର୍ଥିକ ଅନୁଦାନ ଖର୍ଚ୍ଚ ହୋଇନପାରି ପଡିରହିଛି। ଫଳରେ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଜନତାଙ୍କ ପାଇଁ ଆସିଥିବା ଅନେକ ପ୍ରକଳ୍ପ, ସରକାରୀ ଜମିକୁ ଜବରଦଖଲରେ ରଖିଥିବା କେତେକ ବ୍ୟକ୍ତିଙ୍କ ଯୋଗୁଁ ଫେରିଯିବାକୁ ବସିଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅନ୍ତର୍ଯ୍ୟାମୀ ରାଉତ, ଟନା ପଣ୍ଡା, ପ୍ରଦୀପ୍ତ କୁମାର ନାୟକ ଓ ସୁଦର୍ଶନ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଅଭୀପ୍ସା ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜିଲ୍ଲାପାଳ, ରାଜସ୍ୱ ସଚିବ ଓ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

## ସଡ଼କ ଦୁର୍ଘଟଣାରେ ୩ ଆହତ, ଜଣେ ଗୁରୁତର

ଏରସମା, ୧୫।୨ (ସମିସ): ଏରସମା ବ୍ଲକ ଅନ୍ତର୍ଗତ ଏରସମା-କୋଠିଛକ ରାସ୍ତାର ଦମକଳ କେନ୍ଦ୍ର ନିକଟରେ ବାଇକ୍ ଦୁର୍ଘଟଣାରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋରଡ଼ ପଞ୍ଚାୟତସ୍ଥିତ ସୌଭାଗ୍ୟ ନନ୍ଦଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମୋଳ ଗ୍ରାମର ତନ୍ମୟ ତାପସ୍ୱୀ ଦାସ, ସତ୍ୟବ୍ରତ ସାହୁ ଆହତ ହୋଇଛନ୍ତି। ତନ୍ମୟ, ସତ୍ୟବ୍ରତ ଏକ ବାଇକ୍‌ରେ ଏରସମାରୁ କୋଠି ଛକ ଆଡେ ଯାଉଥିବାବେଳେ କୋଠି ଛକରୁ ଏରସମା ଆସୁଥିବା ସୌଭାଗ୍ୟ ଓ ତାଙ୍କ ଭଉଣୀଙ୍କ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ୪ଜଣ ରାସ୍ତା ଉପରକୁ ଚିଟିକି ପଡ଼ିଥିଲେ। ସେମାନଙ୍କୁ ରକ୍ତାକ୍ତ ଅବସ୍ଥାରେ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସୌଭାଗ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମନ୍ଦିର ନିକଟରୁ ଜବରଦଖଲ ଉଚ୍ଛେଦ



ପାରାଦୀପ, ୧୫।୨(ସମିସ): କୁଜଙ୍ଗ ତହସିଲଦାରଙ୍କ ଉପସ୍ଥିତିରେ ଆଜି ପାରାଦୀପ ଅଠରବାଙ୍କୀ ମା' ଦକ୍ଷିଣ କାଳି ମନ୍ଦିର ନିକଟରେ ଥିବା ଏକ ଜବରଦଖଲ ସ୍ଥାନକୁ ଉଚ୍ଛେଦ କରାଯାଇଛି। ଏହି ସରକାରୀ ଜାଗାରେ ଦୀର୍ଘ ଦିନ ହେବ ନୃସିଂହ ଚରଣ ପଣ୍ଡା ଏକ ସର୍ଭିସିଂ ସେଣ୍ଟର୍ ନିର୍ମାଣ କରି ଜବରଦଖଲ କରିଥିଲେ। ଯେହେତୁ ଏହି ସ୍ଥାନଟି ମା'ଦକ୍ଷିଣ କାଳୀଙ୍କ ମନ୍ଦିର ନିକଟରେ ରହିଛି, ତେଣୁ ମନ୍ଦିର କମିଟି ଓ ଅଠରବାଙ୍କୀ ମାର୍କେଟ କମିଟି ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଏହି ବିରୋଧକୁ ଜବରଦଖଲକାରୀ ଏକ ଗଣ୍ଡଗୋଳ ରୂପ ଦେଇ କମିଟି କର୍ମକର୍ତ୍ତାଙ୍କ ନାମରେ ଫୌଜଦାରୀ ମୋକଦ୍ଦମା ମାମଲା ରୁଜୁ କରିଥିଲେ। ପରେ ଲୋକମାନଙ୍କୁ ଡରାଇ ଏକ ସ୍ଥାୟୀ ଘର ସହ ଏକ ସର୍ଭିସିଂ ସେଣ୍ଟର୍ ଦୀର୍ଘ ଦିନହେବ ଚଳାଇ ଆସୁଥିଲେ। ଯାହା ମନ୍ଦିର ସେବା କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। କମିଟି ପକ୍ଷରୁ ଏହାକୁ ଉଚ୍ଛେଦ କରିବା ପାଇଁ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଓ ତହସିଲଦାରଙ୍କୁ ପକ୍ଷ କରି ଏକ ମାମଲା ରୁଜୁ କରିଥିଲେ। ତାହାକୁ ବିଚାର କରି କୁଜଙ୍ଗ ତହସିଲଦାର ବାରମ୍ବାର ନୋଟିସ କରିଥିଲେ ମଧ୍ୟ ଜବରଦଖଲକାରୀ ତାହାକୁ ଅଣଦେଖା କରି ଆସୁଥିଲେ। ଅଜି ତହସିଲଦାରଙ୍କ ନେତୃତ୍ୱରେ ପାରାଦୀପ ପୁଲିସ, ପାରାଦୀପ ମ୍ୟୁନିସ୍‌ସିପାଲଟିର କର୍ମଚାରୀଙ୍କ ଉପସ୍ଥିତରେ ଏହାକୁ ଉଚ୍ଛେଦ କରାଯାଇଛି। ତହସିଲଦାରଙ୍କ ଏଭଳି ପଦକ୍ଷେପକୁ ଅଠରବାଙ୍କୀ ମନ୍ଦିର କମିଟି ଓ ବ୍ୟବସାୟୀ କମିଟି ପକ୍ଷରୁ ପ୍ରଶଂସା କରାଯାଇଛି।

